# ବ୍ଲକସ୍ତରୀୟ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ

**କିଶୋରନଗର, ୪।୨(ସମିସ):** କିଶୋରନଗର ବ୍ଲକ ସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୁରୁଜାଙ୍ଗ ଠାରେ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସୁଜନ କୁମାର୍ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୧୭ଟି କ୍ଲଷ୍ଟରରୁ ପ୍ରତିଯୋଗୀମାନେ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। କାର୍ଯକ୍ରମର ଉଦ୍‌ଘଟନୀ ଉତ୍ସବରେ ବିଆରସିସି ଶ୍ରୀଯୁକ୍ତ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ଏବିଇଓ ପ୍ରଭାକର ରାଉତ, ଆମ୍ବପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ସାହୁ, ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଏବଂ କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ସ୍ୱତନ୍ତ୍ର ଭାବରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ଉଭୟଙ୍କ ପାଇଁ ସାଂସ୍କୃତିକ କଳାକୃତି ଏବଂ ପ୍ରଦର୍ଶନୀ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ସର୍ବମୋଟ ୩୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅରୁଣ କୁମାର ସେଠି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# କୃଷି ଆଧାରିତ ଶିଳ୍ପ ପ୍ରତିଷ୍ଠା କର୍ମଶାଳା




**କିଶୋରନଗର, ୪।୨(ସମିସ):** ଆଠମଲ୍ଲିକ ବନଖଣ୍ଡ ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ର ସହଯୋଗରେ ମାନଯୋର ୱାଚ୍ ଟାୱାର ସଭାଘରଠାରେ କୃଷି ଆଧାରିତ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଫଓ ସନ୍ତୋଷ କୁମାର କାପୁଲା ଯୋଗଦେଇ ଆଗାମୀ ବର୍ଷ ଅଣକାଷ୍ଠ ବନଜାତ ପଦାର୍ଥର ପ୍ରକ୍ରିୟାକରଣ ଓ ଏହାର ନିଯୁକ୍ତି ସୁଯୋଗର ବର୍ଷ ଭାବରେ ପରିଗଣିତ ହେବବୋଲି ମତବ୍ୟକ୍ତ କରିଥିଲେ। ଖଦି ଉଦ୍ୟୋଗର ସହକାରୀ ସହାୟକ ନିର୍ଦ୍ଦେଶକ ବିଚିତ୍ରାନନ୍ଦ ପଣ୍ଡା ଯୋଗଦେଇ ଗ୍ରାମ୍ୟ ଉଦ୍ୟୋଗ ବିକାଶ ଯୋଜନା ମାଧ୍ୟମରେ ତେନ୍ତୁଳି ପ୍ରକ୍ରିୟା କରଣ, ତୈଳଖଣି ପ୍ରତିଷ୍ଠା, କାଗଜ ଶାଳପତ୍ର ଦନା ୟୁନିଟ ଆଦି ଯୋଜନା ଉପରେ ସମ୍ୟକ୍ ସୂଚନା ଦେଇଥିଲେ। ଆଠମଲ୍ଲିକ ବନଖଣ୍ଡ ସହକାରୀ ବନସଂରକ୍ଷକ ସଚ୍ଚିଦାନନ୍ଦ ସେଠୀ ଓ ଦିବ୍ୟସିଂହ ମାଝି ଯୋଗଦେଇ ଉଦ୍ୟୋଗ ପ୍ରତିଷ୍ଠା ହେବା ଦ୍ୱାରା ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବବୋଲି ମତବ୍ୟକ୍ତ କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ହିମାଂଶୁ ଶେଖର ସାହୁ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ବୈଷୟିକ ବିଶେଷଜ୍ଞ ଗିରିଜା ଶଙ୍କର ଦାଶ, କାର୍ଯ୍ୟକାରୀ ଅଧିକାରୀ ପ୍ରଶନ୍ନ ସାହୁ, ମାଧପୁର ବନାଞ୍ଚଳ ଅଧିକାରୀ ବିଜୟ କୁମାର ସାହୁ, ବାମୁର ବନାଞ୍ଚଳ ଅଧିକାରୀ ସରୋଜ ମିଶ୍ର, ହଣ୍ଡପାର ନରେନ୍ଦ୍ର କୁମାର ଗମାଙ୍ଗ, ଆଠମଲ୍ଲିକର ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୩୦ ଜଣ କିଶୋରନଗର ଓ ଆଠମଲ୍ଲିକ ବ୍ଲକର ମହିଳା, ପୁରୁଷ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ବନପାଳ ଦିପ୍ତୀ ରଞ୍ଜନ ବିଶ୍ୱାଳ, ଶାନ୍ତନୁ ଦେହୁରୀ, ରମାକାନ୍ତ ସାହୁ, ସଂଯୋଜକ ଦେବାନନ୍ଦ ନାୟକ ଓ ତନୁଶ୍ରୀ ବଘାର, ବିଶ୍ୱ ଯୁବକେନ୍ଦ୍ର ର ଅମରେଶ ଦାସ, ବିକାଶ ଅଧିକାରୀ ଶ୍ୱେତାମ୍ବର ମଲ୍ଲିକ, କୁମୁଦିନୀ ପାଣି, ପରେଶ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଣବ ପ୍ରକାଶ ଦାସଙ୍କୁ ଭେଟିଲା ଟ୍ରକ ମାଲିକ ସଂଘ

# ଅଗ୍ରାଧିକାର ଭିତ୍ତିରେ ଲୋଡ୍ ଦେବାକୁ ଦାବି

**ଛେଣ୍ଡିପଦା, ୪।୨(ସମିସ)**



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସ୍ତରୀୟ ଟ୍ରକ ମାଲିକ ସଂଘ ପକ୍ଷରୁ ରାଇଝରଣ ଠାରେ ଥିବା କୋଇଲା ଖଣିରୁ ଅଗ୍ରାଧିକାର ଭିତ୍ତିରେ ଟ୍ରକ ଲୋଡ଼ ଦେବା ଦାବିର ସମାଧାନ ପାଇଁ ରବିବାର ପ୍ରଣବ ପ୍ରକାଶ ଦାସଙ୍କୁ ଭେଟିଲା ଟ୍ରକ ମାଲିକ ସଂଘ। ଘଟଣାରୁ ପ୍ରକାଶ ଛେଣ୍ଡିପଦା ବ୍ଲକ ରାଇଝରଣରେ ଉତ୍କଳ ସି ଓ ଡି କୋଲ୍ ବ୍ଲକ ଖଣି ଚାଲୁଅଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ସେହି ଖଣି ଗୁଡିକରେ ଛେଣ୍ଡିପଦା ଟ୍ରକ ମାଲିକ ସଂଘ ର ଟ୍ରକ ଗୁଡିକୁ ଲୋଡିଂ ମିଳୁ ନାହିଁ। ଏ ନେଇ ସଂଘ ପକ୍ଷରୁ ଅନୁଗୋଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଛେଣ୍ଡିପଦା ବ୍ଲକସ୍ତରୀୟ ଟ୍ରକ ମାଲିକ ସଂଘ ଟ୍ରକ ଗୁଡିକ ଅଗ୍ରାଧିକର ଭିତିରେ ଲୋଡ଼ ଦିଆ ନଯାଏ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଏକ ଦାବିପତ୍ର ସଙ୍ଘ ପକ୍ଷରୁ ଛେଣ୍ଡିପଦା ତହସିଲଦାରଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ପ୍ରତିଶ୍ରୁତି ମିଳିନଥିଲା। ଟ୍ରକ ମାଲିକ ସଂଘର ସମସ୍ୟାର ସମାଧାନ ପାଇଁ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ବିଜୁ ଜନତା ଦଳ ରାଜ୍ୟ ସଂଗଠନ ସମ୍ପାଦକ ତଥା ଅନୁଗୋଳ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି ସବିଶେଷ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନାରେ ବିସ୍ଥାପିତ ଓ ଟ୍ରକ ମାଲିକ ସଙ୍ଘର ଦାବିକୁ ପ୍ରଶାସନ ସହିତ ଆଲୋଚନା କରାଯାଇ ତୁରନ୍ତ ସମାଧାନ କରାଯିବ ବୋଲି ଶ୍ରୀଯୁକ୍ତ ଦାସ ପ୍ରତିଶ୍ରୁତି ଦେଇଥିଲେ। ସଂଘ ସଭାପତି ମହେଶ୍ୱର ବେହେରା, ସମ୍ପାଦକ ସୁବୋଧ ବେହେରା, ବିକାଶସମିତି ସଭାପତି ସୁବାଷ ପ୍ରଧାନ, ସୌରଭ ରଞ୍ଜନ ବେହେରା, ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ ନନ୍ଦ, ଜିଲ୍ଲାପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ସରପଞ୍ଚ ସୁଦୀପ୍ତ ପ୍ରଧାନ, ବନବିହାରୀ ସାହୁ, ଜୟନ୍ତ କୁମାର ସାହୁ, ସରପଞ୍ଚ ଗିରିଶ ପ୍ରଧାନ, ତ୍ରିନାଥ ବେହେରା, ସତ୍ୟବ୍ରତ ଦେହୁରୀ, ପ୍ରମୁଖ ଉପସ୍ଥିତ ଥିଲେ।

# 'ଘରେ ଘରେ ଶଙ୍ଖ' ଓ ପରିବାର ସମ୍ପର୍କ ଯାତ୍ରା

**କଣିହାଁ/ଡେରଙ୍ଗ/ରେଙ୍ଗାଲି/ପବିତ୍ରନଗର, ୪।୨(ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ଅନ୍ତର୍ଗତ ଦଲକ, ଡେରଙ୍ଗ ବିରୁ, ଗଣ୍ଡମଳା ହରିହରପୁର ସମଲ ରେଙ୍ଗାଲି ପଞ୍ଚାୟତର ସଭାପତିଙ୍କ ଅଧକ୍ଷତାରେ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଧାୟକ ମୁକେଶ କୁମାର ପାଳଙ୍କ ତତ୍ତ୍ୱାବଧାନରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରାକୁ ବିଭିନ୍ନ ପଞ୍ଚାୟତରେ ସଭାପତିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଦଲକ ପଞ୍ଚାୟତ ସଭାପତି ଜୟନ୍ତ କୁମାର ପ୍ରଧାନ, ଡେରଙ୍ଗ ପଞ୍ଚାୟତ ସଭାପତି ପୁରୋଷୋତ୍ତମ ସାହୁ ଗଣ୍ଡମାଳା ପଞ୍ଚାୟତ କାର୍ଯକାରୀ ସଭାପତି ଗିରସ ସାହୁ ଅବନୀ ଦେହୁରୀ ପ୍ରଦୀପ ଦାସ ସୌଭାଗ୍ୟ ପ୍ରଧାନ ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, ପ୍ରଦୀପ କୁମାର ସେଠୀ, ରେଙ୍ଗାଳି ସମିତ ମେମ୍ବର ଦେବାଶିଷ ମହାନ୍ତିଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମ




ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ ଜିଲ୍ଲା ପରିଷଦ ଉପାଧକ୍ଷା ରଶ୍ମିତା ସେଠୀ ସରପଞ୍ଚ ଦୀପ୍ତିମୟି ପ୍ରଧାନ ସଂଯୁକ୍ତା ବେହେରା, ୮ନଂ ଜୋନ ପର୍ଯ୍ୟବେକ୍ଷକ ସୁବାଷ ମହାନ୍ତି ୧୦ ନ ଜୋନର ପର୍ଯ୍ୟବେକ୍ଷକ ହିମାଚଳପଣ୍ଡା, ଦଲକ ପଞ୍ଚାୟତ ସମିତି ସଭ୍ୟ ଦୀପକ ସେଠି, ପ୍ରଶାନ୍ତ ସାହୁ ଜିଲ୍ଲା ଉପ ସଭାପତି ବାବୁଲା ପ୍ରଧାନ କଣିହାଁ ବ୍ଲକ କଳା ସଂସ୍କୃତି ସଙ୍ଘ ଉପ ସଭାପତି ମହେଶ୍ୱର ସାମଲ, ସୁଶାନ୍ତ ସାହୁ ଗଗନ କୁମାର ରାଉତ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରୀ ଯୋଜନା ଗୁଡିକ ପ୍ରତ୍ୟେକ ଘରେ ଘରେ ଶଙ୍ଖ ବାର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟକ୍ରମ ଜନସମ୍ପର୍କ ଅଭିଯାନ ଶୁଭାରମ୍ଭ ମାଧ୍ୟମରେ ସଚେତନତା କରିଥିଲେ।

## ବ୍ଲକସ୍ତରୀୟ ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ

# ଓଡ଼ିଆ ଭାଷା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧା ଏବଂ ସମ୍ମାନ ଅଛି

**ଆଠମଲ୍ଲିକ, ୪।୨(ସମିସ):** ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକର ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବ୍ଲକ ସ୍ତରୀୟ ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ନାଏକ ଯୋଗଦେଇ ଓଡ଼ିଆ ଭାଷା ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଶ୍ରଦ୍ଧା ଏବଂ ସମ୍ମାନ ଅଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଷୋଳପଦା ଡିଗ୍ରୀ କଲେଜ ଠାକୁରଗଡ଼ର ଓଡ଼ିଆ ବିଭାଗ ଅଧ୍ୟାପିକା କଲ୍ୟାଣୀରୂପା ମିଶ୍ର ଯୋଗଦେଇ ଭାଷା ସାହିତ୍ୟ ଏବଂ ସୃଜନଶୀଳତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁନୀଲ ପ୍ରଧାନ, ଏବିଓ କୈବଲ୍ୟ କଅଁର, ଧରଣୀଧର ସେଠୀ, ବିଆରସିସି ଛବି ନାରାୟଣ ସିଠ ମଞ୍ଚାସିନ ଥିଲେ। ଏହି ଅବସରରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



# ଗୁଞ୍ଜରିତ ହେଲା 'ବନ୍ଦେ ଉତ୍କଳ ଜନନୀ'



**ଅନୁଗୋଳ, ୪।୨(ସମିସ):** ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ପୃଥିବୀର କୋଣ ଅନୁକୋଣରେ ବସବାସ କରୁଥିବା ସମସ୍ତ ଓଡ଼ିଆ ଭାଇ ଭଉଣୀମାନେ ଗାନକଲେ 'ବନ୍ଦେ ଉତ୍କଳ ଜନନୀ'। ଏଇ ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ୍ଦେ ଉତ୍କଳ ଜନନୀର ସ୍ୱର ଗୁଞ୍ଜରିତ ହେଲା। ଜିଲ୍ଲାର ୮ ଟି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଥିବା ଓଡ଼ିଶାର ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସ୍ଥଳରେ ସ୍ୱଚ୍ଛତା ଅଭିଯାନ କରାଯିବା ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରିଣୀ ସୁସ୍ମିତା ସାହୁ ତଥା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ନିର୍ଦ୍ଧାରିତ ସମୟରେ ବନ୍ଦେ ଉତ୍କଳ ଜନନୀ ଗାନ କରିବା ସହିତ ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସମ୍ପର୍କରେ ସୂଚନା ଦେଇଥିଲେ।

# ମା' ବାସନ୍ତୀ ଦୁର୍ଗାପୂଜା ପାଳନ ନେଇ ପ୍ରସ୍ତୁତି



**ଅନୁଗୋଳ, ୪।୨(ସମିସ):** ହେମସୁରପଡ଼ା ଶିବ ମନ୍ଦିରରେ ଏପ୍ରିଲ ୧୩ ତାରିଖରୁ ଆରମ୍ଭ ହେଉଥିବା ମା' ବାସନ୍ତୀ ଦୁର୍ଗାପୂଜା ପାଳନ ନେଇ ଏକପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଶକ୍ତି ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୂର୍ବ ବର୍ଷର ଆୟ ବ୍ୟୟ ସମୀକ୍ଷା କରାଯାଇଥିଲା। ପରେ ଚଳିତ ବର୍ଷ ପାଇଁ କମିଟିର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ରୂପେ ଶକ୍ତିପ୍ରସାଦ ପଟ୍ଟନାୟକ, ଉପସଭାପତି ରୂପେ ଯତୀନ କୁମାର ସେଠୀ, ସାଧାରଣ ସମ୍ପାଦକ ରୂପେ ଅନୁପ କୁମାର ମହାନ୍ତି, ସହ ସମ୍ପାଦକ ରୂପେ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ରାଜ ତିଳକ ଦଳବେହେରା, ଶୁଭମ୍ ପ୍ରଧାନ, କୋଷାଧକ୍ଷରୂପେ ତାପସ ରଂଜନ ରାୟ ଏବଂ ରଶ୍ମି ରଞ୍ଜନ ପ୍ରଧାନ ମନୋନୀତ ହୋଇଥିଲେ। ସେହିଭଳି ମୁଖ୍ୟ ଉପଦେଷ୍ଟା ରୂପେ ଆଇନଜୀବୀ ପ୍ରଦୀପ ଦେବତା, ଅନିଲ ପଟ୍ଟନାୟକ, ପ୍ରତାପ ମାଝୀ, ରିତେଶ ଦଳବେହେରା, ସମୀର ଧର ଓ ସମ୍ବିତ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା।

# ପ୍ରଧାନ ଡାକଘରର ପୋଷ୍ଟ ଫୋରମ୍ ଅଧିବେଶନ



**ଅନୁଗୋଳ, ୪।୨(ସମିସ):** ଅନୁଗୋଳ ପ୍ରଧାନ ଡାକଘର ତରଫରୁ ଏକ ପୋଷ୍ଟ ଫୋରମ୍ ଅଧିବେଶନ ଡାକପାଳ ମମତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଉପ ଡାକପାଳ ବିମଳ କୁମାର ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ, ବିଶିଷ୍ଟ ଟିକଟ ସଂଗ୍ରହକାରୀ ତ୍ରେତାନନ୍ଦ ସାମନ୍ତ, ଯୁବ ଆଇନଜୀବୀ ସଞ୍ଜୟ କୁମାର ମହାପାତ୍ର, ବିଶ୍ୱରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଡାକ ବିଭାଗର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଡାକପାଳ ଶ୍ରୀମତୀ ମମତା ପଣ୍ଡା ଓ ଉପ ଡାକପାଳ ଶ୍ୟାମଳେନ୍ଦୁ ବେହେରା ଡାକଘରର ବିଭିନ୍ନ ସେବା ବିଶେଷ କରି ମହିଳା ସମ୍ମାନ ସଞ୍ଚୟ ପତ୍ର ଓ ସୁକନ୍ୟା ସମୃଦ୍ଧି ଯୋଜନା ବିଶୟରେ ଅବଗତ କରାଇବା ସହିତ ତତସଂପର୍କିତ ପ୍ରଚାର ପତ୍ର ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ପାଣିଗ୍ରାହୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଡାକ ସଚେତନତା ଶିବିର ଅନୁଷ୍ଠିତ କରାଇବାକୁ ପରାମର୍ଶ ଦେଇଥିଲେ। ଡାକଘର ସମ୍ମୁଖ ଭାଗର ସୌନ୍ଦର୍ଯ୍ୟକରଣ କରାଯାଇଥିବାରୁ ସମସ୍ତ ସଦସ୍ୟ ଖୁସି ବ୍ୟକ୍ତ କଲେ। ଯୁବ ଆଇନଜୀବୀ ଶ୍ରୀଯୁକ୍ତ ମହାପାତ୍ର ଅନୁଗୋଳ କୋର୍ଟ ପରିସରରେ ଏକ ନୂତନ ଡାକଘର ନିର୍ମାଣ କରିବାକୁ ପ୍ରସ୍ତାବ ଦୋହରାଇଥିଲେ। ଶ୍ରୀଯୁକ୍ତ ସାମନ୍ତ ଅନୁଗୋଳରେ ଏକ ଡାକ ମଣ୍ଡଳ ଓ ପାସପୋର୍ଟ ସେବା ପ୍ରଚଳନ କରିବା ପାଇଁ ପ୍ରସ୍ତାବ ରଖିଥିଲେ।

# ଜଙ୍ଗଲ ନିଆଁ ରୋକିବାକୁ ସଚେତନତା ଓ ମିନି ମାରାଥନ୍

**ଆଠମଲ୍ଲିକ, ୪।୨(ସମିସ)**



ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବନଖଣ୍ଡ ବିଭାଗ ତରଫରୁ ଆଜି ଜଙ୍ଗଲ ନିଆଁ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ଏବଂ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବନ ବିଭାଗ ତରଫରୁ ଆଠମଲ୍ଲିକ ଖେଳ ପଡ଼ିଆ ରେ ବହୁ ଯୁବକ ଯୁବତୀ, ଛାତ୍ର ଛାତ୍ରୀ ମାନଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ପରେ ଆଠମଲ୍ଲିକ ଡ଼ିଏଫଓ ସନ୍ତୋଷ କୋପୁଲା ଯୋଗଦେଇ ସବୁଜ ପତାକା ଦେଖାଇଥିଲେ। ଏହାପରେ ମିନି ମାରାଥନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଆମୁନିଟି ସେଣ୍ଟର ଠାରେ ପହଞ୍ଚି ଥିଲେ। ସେଠାରେ ଜଙ୍ଗଲ ନିଆଁ ରୋକିବା ନେଇ ବିଭିନ୍ନ ନୃତ୍ୟ ଗୀତ ମାଧ୍ୟମରେ ସଚେତନତା କରାଇଥିଲେ। ମିନି ମାରାଥନ କାର୍ଯ୍ୟକ୍ରମରେ କେନ୍ଦୁପତ୍ର ଡ଼ିଏଫଓ ଜ୍ୟୋତି କୋଟାଲ, ଆଠମଲ୍ଲିକ ଏସ ଡ଼ି ପି ଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଆଇଆଇସି ଚିତ୍ତ ରଞ୍ଜନ ବେହେରା ଏସିଏଫ ସଚ୍ଚିଦାନନ୍ଦ ସେଠୀ, ଏସିଏଫ ଦିବ୍ୟସିଂ ମାଝୀ, ଆଠମଲ୍ଲିକ ରେଞ୍ଜର ସୁନୀଲ କୁମାର ସାହୁ, ଧଣ୍ଡାତୋପା ରେଞ୍ଜର ବବ୍ରୁ ବାହନ ସାହୁ, ମାଧପୁର ରେଞ୍ଜର ବିଜୟ କୁମାର ସାହୁ, ହଣ୍ଡପା ରେଞ୍ଜର ନରେନ୍ଦ୍ର ଗମାଙ୍ଗ, ବାମୁର ରେଞ୍ଜର ସରୋଜ କୁମାର ମିଶ୍ର ଉପସ୍ଥିତ ଥିଲେ। ମିନି ମାରାଥନ ର ପ୍ରତିଯୋଗିତା ରେ ସିନିୟର ବାଳକ ବିଭାଗରେ ପ୍ରଥମ ବାପୁନ ପ୍ରଧାନ, ଦ୍ୱିତୀୟ ଅର୍ଜୁନ ନାଏକ, ତୃତୀୟ ନିଖିଲ ପାତ୍ର, ଜୁନିଅର ବାଳକ ବିଭାଗ ରେ ପ୍ରଥମ ଚନ୍ଦ୍ରଶେଖର ମହାକୁଡ଼, ଦ୍ୱିତୀୟ ଦୁଃଖିଶ୍ୟାମ ଭୁକ୍ତା, ତୃତୀୟ ଚିନ୍ମୟ ରଞ୍ଜନ ନାଏକ, ସିନିୟର ବାଳିକା ବିଭାଗ ରେ ପ୍ରଥମ ସନ୍ଧ୍ୟାରାଣୀ ନାଏକ, ଦ୍ୱିତୀୟ ରାଜେଶ୍ୱରୀ ନାୟକ, ତୃତୀୟ ସାଗରୀକା ପ୍ରଧାନ, ଜୁନିଅର ବାଳିକା ବିଭାଗ ରେ ପ୍ରଥମ ମୌସୁମୀ ଭୁକ୍ତା, ଦ୍ୱିତୀୟ ଅର୍ଚ୍ଚିତା ମହାକୁଡ଼, ତୃତୀୟ ସ୍ଥାନ ଅନୁସୟା ମୁଣ୍ଡା ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିରେ ୪୦୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ, ପୁରୁଷ, ମହିଳା ଭାଗ ନେଇଥିଲେ। ଡ଼ି ଏଫ ଓ ସନ୍ତୋଷ କୋପୁଲା ଜଙ୍ଗଲ ସଚେତନତା ଉପରେ ବିଭିନ୍ନ ପ୍ରକାର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସଞ୍ଜୟ ଭୁର ଭୁରି, ପ୍ରଭାତ କୁମାର ଦନ୍ତା, ବିଶ୍ୱଜିତ ମହାନ୍ତି, ରବୀନ୍ଦ୍ର ମହାନ୍ତି, ସିଦ୍ଧାର୍ଥ ସାହୁ, ସଞ୍ଜୀବ କୁମାର ସିଂ ସାମନ୍ତ ଙ୍କ ସମେତ ଆଠମଲ୍ଲିକ ବନ୍ଖଣ୍ଡ ବିଭାଗ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

# ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକଙ୍କ ଗଣଧାରଣା



**ଅନୁଗୋଳ ୪।୨(ସମିସ):** ଅନୁଗୋଳ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାଧ୍ୟମିକ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ବିଭିନ୍ନ ସମସ୍ୟା ସହ ୨୧ ଦଫା ଦାବି ନେଇ ଗଣଧାରଣାରେ ବସିଛନ୍ତି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା) ଜିଲ୍ଲାର ୮ ଟି ବ୍ଲକର ସମସ୍ତ ସଦସ୍ୟ ଆଜି ଦିନ ୧୨ଟାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ସହ ଗଣଧାରଣା ଦେଇଛନ୍ତି। ଏଥିସହ ବିଭିନ୍ନ ଦାବି ସମ୍ବନ୍ଧିତ ଏକ ସ୍ମାରକପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ ଓ ବିଭାଗୀୟ ସଚିବଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସଂପାଦକ ତ୍ରିଲୋଚନ ଦାସଙ୍କ ଆହ୍ୱାନରେ ଏବଂ ସଭାପତି ଭାସ୍କର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଦିଆଯାଇଥିବା ଏହି ଗଣଧାରଣାରେ ଜିଲ୍ଲାର ୩୦୦ ରୁ ଉର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

# ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ

**ଆଠମଲ୍ଲିକ, ୪।୨(ସମିସ):** ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ଗ୍ରାମପଞ୍ଚାୟତ ଚିଲଖଣ୍ଡି ଆମ୍ବ ବଗିଚାଠାରେ ଆଜି ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଜେଡ଼ିର କର୍ମୀମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲୁଣ ହାଣ୍ଡି, ନୂଆଗାଁ, କମ୍ପଲା, ନୀଳକଣ୍ଠପଡ଼ା ଆଦି ଗ୍ରାମର ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ। ଏଥିରେ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ରହି କର୍ମୀ ମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ନିର୍ବାଚନ ହେବାକୁ ଯାଉଛି ସେଥିରେ ପ୍ରକୃତ କର୍ମୀମାନଙ୍କର ମତାମତ ନେଇ ଉଚିତ ପ୍ରାର୍ଥୀ ଚୟନ କରାଗଲେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ପ୍ରାର୍ଥୀ ନିଶ୍ଚିତ ରୂପେ ଜୟଯୁକ୍ତ ହେବ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ସଚ୍ଚିଦାନନ୍ଦ ମହାନ୍ତି, ଦେବେନ୍ଦ୍ର ପ୍ରଧାନ, ମଧୁ ଚାଉଳିଆ, ଆଇନଜୀବୀ ସୁଧାଂଶୁ ଶେଖର ବେହେରା, ପ୍ରଭଞ୍ଜନ ମିଶ୍ର, ସବ୍ୟସାଚୀ ସିଂ ସାମନ୍ତ, ପ୍ରମୋଦ ପ୍ରଧାନ ଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ। ଶେଷରେ ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।











# ନିକିରାଇ ପଞ୍ଚାୟତରେ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା, ୪।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ନିକିରାଇ ପଞ୍ଚାୟତରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସୁନାମଧନ୍ୟ ପାଲାଗାୟକ ଲକ୍ଷ୍ମଣ ରାଉତ, ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ରଘୁନାଥ ରାଉତ, କବି ଗଗନ ବିହାରୀ ଜେନା, କବି ଶୈଳଜା ଶଙ୍କର ସାମଲ, ସମାଜସେବୀ ରାଧାରମଣ ସିଂହ, କବି ରଜନୀକାନ୍ତ ଜୟସିଂହ, ଓଡ଼ିଆ ଅଧ୍ୟାପିକା କବିୟତ୍ରୀ ପ୍ରଭାତୀ ଧଳ ଓ ଯୁବ ସମାଜସେବୀ ନିକେତନ ଜେନା ଓଡ଼ିଆ ଭାଷାର ଗାରିମା ସମ୍ବନ୍ଧରେ ଆଲୋକପାତ କରିବା ସହ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଭା ପରିଚାଳନା କରିଥିଲେ । ଏଥିସହ କ୍ରୀଡ଼ା ଓ ପାଠପଢ଼ାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ପ୍ରଭାତ କୁମାର ଉଡାଣ ସିଂହ, ନାଏବ ସରପଞ୍ଚ ଶ୍ରୀଧର ସାହୁ, ହୃଷିକେଶ ଦାସ, ଅନ୍ନଦା ପ୍ରସାଦ ଦାସ, କିରଣ କୁମାର ସାହୁ, ମନୋଜ ଜେନା, ଦିଲ୍ଲୀପ କୁମାର ସାମଲ, ବିଶ୍ୱକେଶରୀ ଜେନା, ମନୋରଞ୍ଜନ ମହାରଣା, ପଙ୍କଜ କୁମାର ଷେଣ୍ଢ, ସମସ୍ତ ୱାର୍ଡର ସଭ୍ୟ/ସଭ୍ୟା ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ ।

# ମା' ବୀଣାପାଣି ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



ମହାକାଳପଡ଼ା, ୪।୨(ସମିସ): ମହାକାଳପଡ଼ା ବ୍ଲକ ମା' ବୀଣାପାଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ '୫-ଟି' ଯୋଜନାରେ ନିର୍ମିତ ଶ୍ରେଣୀ ଗୃହକୁ ଉଦଘାଟନ କରିଥିଲେ । ରାଜଗଡ଼ ସରପଞ୍ଚ ମମତା ସାମଲ, ସାହିତ୍ୟିକ ବାସୁଦେବ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରିନ୍ସିପାଲ ରବୀନ୍ଦ୍ର କୁମାର ପାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ରବୀନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ରାଜକନିକା ବ୍ଲକ ସମନ୍ୱୟ ସମିତି ପୁନର୍ଗଠିତ



ରାଜକନିକା, ୪।୨(ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ସମନ୍ୱୟ ସମିତିକୁ ରବିବାର ଦିନ ପୁନର୍ଗଠନ କରାଯାଇଛି । ରାଜକନିକା ସଦର ଅଶୋକ ବଜାରସ୍ଥ ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ସମନ୍ୱୟ ସମିତିର ମୁଖ୍ୟ ନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶରେ ପୂର୍ବତନ ଜିଲ୍ଲା ସମନ୍ୱୟ ସମିତି ମୁଖ୍ୟ ସଂଯୋଜକ ତଥା କଟକ ସବଜୋନ ସଦସ୍ୟ ଶିକ୍ଷାବିତ୍ ମହେଶ୍ୱର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକର ମୁଖ୍ୟ ସଂଯୋଜକ ଭାବେ ପ୍ରଦୀପ ଦାସ, ସହସଂଯୋଜକ ଭାବେ ରବୀନ୍ଦ୍ର ନାରାୟଣ ଶତପଥୀ, ଲିପିକ ଓ କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର ସାହୁ, ପ୍ରଶିକ୍ଷଣ ଓ କାର୍ଯ୍ୟକ୍ରମ ପାଇଁ କୃଷ୍ଣଚନ୍ଦ୍ର ଧଳ, ସଂଗଠନ ଦାୟିତ୍ୱ ଗୀତି ସିଂ, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା କାର୍ଯ୍ୟକ୍ରମ ପାଇଁ ସଞ୍ଜୁଲତା ବେହେରା, ନାରୀ ଜାଗରଣ ଓ ସଙ୍ଗଠନ ପାଇଁ ଜୟନ୍ତୀ ପାତ୍ର, ଯୁବ ସଂଗଠକ ଭାବେ ରାମଚନ୍ଦ୍ର ଦାଶ, ଶକ୍ତି ପୀଠ ପ୍ରଜ୍ଞାପୀଠ ତଥା ସତ୍ ସାହିତ୍ୟ ପାଇଁ ଜଗନ୍ନାଥ ପାତ୍ର, ସଂସ୍କାରବାନ ପିଢି ଗଠନ ଦାୟିତ୍ୱରେ ତୁଳସୀ ରାଉତ, ସନ୍ତୋଷୀ ସାହୁ ଓ ଜୟନ୍ତୀ ଦାସ ଓ ମିଡିଆ ପ୍ରଚାର ପ୍ରସାର ପାଇଁ ପୂର୍ଣ୍ଣପ୍ରଭା ପ୍ରଧାନ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ପୁନର୍ଗଠନ କରାଯାଇଛି । ଜିଲ୍ଲା ସମନ୍ୱୟ ସମିତି ଯୁବ ଦାୟିତ୍ୱରେ ଥିବା ସଞ୍ଜୟ କୁମାର ଦାଶ ଓ ସଙ୍ଗଠନ ଦାୟିତ୍ୱରେ ଥିବା ବାପୁଜୀ ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ୨୯ ପଞ୍ଚାୟତ ବିଶିଷ୍ଟ ବ୍ଲକର ପୂର୍ବ କନିକା, ମଧ୍ୟମ କନିକା ଓ ପଶ୍ଚିମ କନିକାରୁ ଶତାଧିକ ପରିଜନ ଏହି ପୁନର୍ଗଠନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଆକାଉଣ୍ଟରୁ ଉଭାନ୍ ହୋଇଯାଉଛି କୋଟି କୋଟି ଟଙ୍କା

## ଇଣ୍ଡିଆନ ବ୍ୟାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

କେନ୍ଦ୍ରାପଡ଼ା/ଆଳି, ୪।୨(ସମିସ)



ଗ୍ରାହକଙ୍କ ଅଜଣାତରେ ଆକାଉଣ୍ଟରୁ କୋଟି କୋଟି ଟଙ୍କା ଗାୟବ ହୋଇଯାଉଛି । ଏ ସମ୍ପର୍କରେ ଗ୍ରାହକ ଜାଣିପାରୁନାହାନ୍ତି । କେତେଜଣ ଗ୍ରାହକ ଆକାଉଣ୍ଟ ବହି ପ୍ରିଣ୍ଟ କରିବା ପରେ ଆକାଉଣ୍ଟରୁ ଟଙ୍କା ଗାୟବ ହୋଇଥିବା ଜଣାପଡ଼ିଥିଲା । ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଏହି ଅର୍ଥ ହଡ଼ପ ହୋଇଥିବା ଅଭିଯୋଗରେ ବ୍ୟାଙ୍କ ସମ୍ମୁଖରେ ହୋହାଲ୍ଲା ହୋଇଛି । ଏହିଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ଆଳି ରସିଙ୍ଗିରି ବଜାରଠାରେ ଥିବା ଇଣ୍ଡିଆନ ବ୍ୟାଙ୍କ ଶାଖାରେ ଦେଖିବାକୁ ମିଳିଛି । ଗ୍ରାହକମାନଙ୍କ ଅଜାଣତରେ ଲକ୍ଷ ଲକ୍ଷ ଟଙ୍କା ଉଠାଣ ହୋଇଥିବାର ଅଭିଯୋଗ ପରେ ଏପର୍ଯ୍ୟନ୍ତ ୮୫ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଭଳି ସଂଘାତିକ ଅଭିଯୋଗ ଆଳି ଥାନାରେ କରାଯାଇଛି । ଏନେଇ ବନ୍ଧସାହି-ବିଲିକଣା ଗାଁର ସୁରେନ୍ଦ୍ର କୁମାର ନାୟକ ଏବଂ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ୫ଟି ଆକାଉଣ୍ଟରୁ ୭୦ଲକ୍ଷ ଟଙ୍କା ହଡ଼ପ ହୋଇଥିବା ନେଇ ଆଳି ଥାନାରେ ଅଭିଯୋଗ କରିଛନ୍ତି । ଆକାଉଣ୍ଟରୁ ଟଙ୍କା ହଡ଼ପ ଘଟଣାରେ ବ୍ୟାଙ୍କ ପିଅନ, ବ୍ୟାଙ୍କଷ୍ଟାପ ଓ ପୂର୍ବତନ ଶାଖା ପରିଚାଳକଙ୍କ ସମ୍ପୃକ୍ତି ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଏନେଇ ଆଳି ଥାନାରେ ଏତଲା ହେବା ପରେ ବ୍ୟାଙ୍କର ପିଅନ, ବ୍ୟାଙ୍କଷ୍ଟାଫ ଓ ପୂର୍ବତନ ଶାଖା ପରିଚାଳକଙ୍କ ନାଁରେ ପୁଲିସ ମାମଲା ରୁଜୁ କରିବା ସହିତ ବ୍ୟାଙ୍କର ପିଅନ ସତ୍ୟାନନ୍ଦ ଘଡାଇକୁ ଗିରଫ କରି କୋର୍ଟଚାଲାଣ କରିଛି । ହେଲେ ଗ୍ରାହକଙ୍କ ଜମାଖାତାରୁ ଟଙ୍କା ହଡ଼ପ ହେବା ତାଲିକା ଏବେ ଧୀରେ ଧୀରେ ବଢ଼ିବାରେ ଲାଗିଛି । ଏନେଇ ଠକେଇର ପରିମାଣ କୋଟି କୋଟି ଟଙ୍କା ହେଲାଣି । ଜମାଖାତାରୁ ଟଙ୍କା ହଡ଼ପ ହୋଇଥିବା ଗ୍ରାହକ ସୁରେନ୍ଦ୍ର କୁମାର ନାୟକ, ଶଶୀକଳା ମହାଳିକ, ସଦାନନ୍ଦ ପୃଷ୍ଟି, ଉମେଶ ଚନ୍ଦ୍ର ମହାରଣା ପ୍ରମୁଖ ଅଭିଯୋଗ କରିଛନ୍ତି । ତେବେ ଏନେଇ ନୂତନ ବ୍ୟାଙ୍କ ପରିଚାଳକ ସନ୍ଦୀପ ନାୟକ ଗ୍ରାହକଙ୍କୁ ବୁଝାସୁଝା କରିବା ସହିତ ଘଟଣାର ତଦନ୍ତ ହେବା ସହ ଉପଯୁକ୍ତ ନ୍ୟାୟ ମିଳିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି ।

ଅଭିଯୋଗ ଅନୁଯାୟୀ ଆଳି ଶିଙ୍ଗିରି ବଜାରରେ ଥିବା ଇଣ୍ଡିଆନ ବ୍ୟାଙ୍କ ଶାଖାରେ ବିଲିକଣା ବନ୍ଧସାହି ଗ୍ରାମର ସୁରେନ୍ଦ୍ର ନାୟକ ବିଦେଶରେ ରହୁଥିବା ବେଳେ ସେ ଗତ କିଛିଦିନ ପୂର୍ବେ ଘରକୁ ଆସିଛନ୍ତି । ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ତାଙ୍କ ଆକାଉଣ୍ଟରେ ଟଙ୍କା ନଥିଲା । ଏହା ଜାଣିବା ପରେ ସେ ତାଙ୍କ ନାମରେ ଥିବା ୨୧୮୬୪୨୫୯୧୩୭ ଓ ୨୧୮୬୪୨୦୦୦୬୮ ନମ୍ବର ଚେକ କରି ସେଥିରୁ ଟଙ୍କା ନଥିବା ଜାଣିବା ପରେ ପତ୍ନୀ ସରସ୍ୱତୀ ନାୟକଙ୍କ ଆକାଉଣ୍ଟ ନମ୍ବର ୨୧୮୬୪୨୦୬୧୨୮, ପୁଅ ଶୁଭମ ନାୟକଙ୍କ ଆକାଉଣ୍ଟ ନମ୍ବର -୫୦୩୪୨୭୮୨୭୫୭ ଓ ସତ୍ୟମ ନାୟକଙ୍କ ଆକାଉଣ୍ଟ ୫୦୪୦୨୧୨୦୭୪ ଚେକ କରିବା ପରେ ପ୍ରାୟ ୭୦ ଲକ୍ଷ ଟଙ୍କା ତାଙ୍କ ଆକାଉଣ୍ଟରେ ନଥିବା ସେ ଜାଣିବାକୁ ପାଇଥିଲେ । ପରେ ସେ ଆଳି ଥାନାରେ ବ୍ୟାଙ୍କର ପିଅନ ସତ୍ୟବାନ ଘଡେଇଙ୍କ ନାମରେ ଅଭିଯୋଗ କରିଥିଲେ । ପୁଲିସ ତାଙ୍କୁ ଗିରଫ କରିବା ପରେ ଠକେଇର ଶିକାର ହୋଇଥିବା ଅନ୍ୟମାନେ ଏବେ ବ୍ୟାଙ୍କରେ ଖାତା ଚେକ କରିବାରେ ଲାଗିଛନ୍ତି । ସୁରେନ୍ଦ୍ରଙ୍କ ପରେ ଅଳିହା ଗ୍ରାମର ସଦାନନ୍ଦ ପୃଷ୍ଟିଙ୍କ ଆକାଉଣ୍ଟ -୨୧୮୬୪୧୯୯୫୩୯ରୁ ୪ ଲକ୍ଷ ଟଙ୍କା ଫିକ୍ସ କରିବା ନିମନ୍ତେ ଉଠାଇ ନେଇଛନ୍ତି । ସେହିପରି ରାଇସରପୁର ଗ୍ରାମର ଅଞ୍ଜନ କୁମାର ମହାଳିକଙ୍କ ଆକାଉଣ୍ଟ -୫୦୨୫୩୭୫୬୫୨୩ରୁ ୪ ଥରରେ ୧୧ ଲକ୍ଷ ୧୫ ହଜାର ଟଙ୍କା ଉଠାଇ ନେଇଛନ୍ତି । ଏ ନେଇ ଆଳି ଥାନା ଅଧିକାରୀ ସବ୍ୟସାଚି ଶତପଥିଙ୍କୁ ପଚାରିବାରୁ ଅଭିଯୋଗ ଅନୁଯାୟୀ କେସ ନଂ-୬୩/୨୪ ରେ ମାମଲା ରୁଜୁ ହେବା ସହିତ ସତ୍ୟବାନକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି । ସେ ଦୀର୍ଘଦିନ ହେଲା ଲୋକଙ୍କ ଟଙ୍କା ଜମା କରିବାକୁ ଓ ଉଠାଣ ପାଇଁ କାଗଜପତ୍ର ଆଣି ଏପରି ଲୁଟ୍ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବାବେଳେ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଯୋଗାଯୋଗ ବେଳେ କହିଛନ୍ତି ।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ସମ୍ମାନିତ ହେଲେ ସାହିତ୍ୟିକ ରାମଚନ୍ଦ୍ର



କେନ୍ଦ୍ରାପଡ଼ା, ୪।୨(ସମିସ): ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଲୋକପ୍ରିୟ ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ଡକ୍ଟର ରାମଚନ୍ଦ୍ର ବେହେରାଙ୍କୁ ଭୁବନେଶ୍ୱରସ୍ଥିତ ଜନତା ମୈଦାନରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ଭାଷା ମହାକୁମ୍ଭର ଏହି ସମ୍ବର୍ଦ୍ଧନା ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଦକ୍ଷତା ବିକାଶ ଓ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ସାହିତ୍ୟର ଏହି ପ୍ରଥିତଯଶା ସ୍ରଷ୍ଟାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀଯୁକ୍ତ ବେହେରା କହିଛନ୍ତି, ଭାଷା ଗୋଟିଏ ଜାତିର ପ୍ରାଣର ସ୍ପନ୍ଦନ । ଏହାକୁ ସ୍ପନ୍ଦିତ କରି ରଖିବାର ଦାୟିତ୍ୱ ଆମ୍ଭମାନଙ୍କର । ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ମାଟିର ଏହି ସାରସ୍ୱତ ସାଧକ ଗଳ୍ପ ସଂକଳନ ଓଁକାର ଓନି ପାଇଁ ୧୯୯୧ ମସିହାରେ ସାରଳା ପୁରସ୍କାର ପାଇଛନ୍ତି । ଅଭିନୟର ପରିଧି ଉପନ୍ୟାସ ପାଇଁ ୧୯୯୬ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ । କାଳଜୟୀ ଗଳ୍ପ ସଂକଳନ ଗୋପପୁର ପାଇଁ ୨୦୦୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ବିଜୟୀ ହୋଇଛନ୍ତି । ସାମଗ୍ରିକ କୃତି ପାଇଁ ଓଡ଼ିଶାର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର ଏବଂ ଭାରତୀୟ ଭାଷା ପରିଷଦ ସମ୍ମାନ ପାଇଛନ୍ତି । ନର୍ଥ ଓଡ଼ିଶା ବିଶ୍ୱବିଦ୍ୟାଳୟ ତାଙ୍କ କୃତି ଓ କୀର୍ତ୍ତିକୁ ସ୍ୱୀକାର କରି ସମ୍ମାନ ସୂଚକ ଡି. ଲିଟ ଉପାଧି ପ୍ରଦାନ କରିଛି । କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ତାଙ୍କ ସହ ଏସକର୍ଟ ଅଧିକାରୀ ଭାବେ ଗସ୍ତକରି ସମସ୍ତ ପ୍ରକାର ସହଯୋଗ କରିଥିଲେ ।

# ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁ ସମ୍ମାନିତ



ମହାକାଳପଡ଼ା, ୪।୨(ସମିସ): ମହାକାଳପଡ଼ା ବ୍ଲକ ନନ୍ତାରସ୍ଥ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଓଡ଼ିଶାରୁ ରାଜ୍ୟ ପୁରସ୍କାର ପାଇଁ ଦଶଜଣ ବିଜ୍ଞାନ ଶିକ୍ଷକଙ୍କୁ ଚୟନ କରାଯାଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲାରୁ ଏକମାତ୍ର ବିଜ୍ଞାନ ଶିକ୍ଷକ ଭାବେ ଆଦିକନ୍ଦ ସାହୁ ରାଜ୍ୟ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । ଶ୍ରୀ ସାହୁଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ର ହରେକୃଷ୍ଣ ପାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

# ବୀଣାପାଣି ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୁରସ୍କୃତ



ମହାକାଳପଡ଼ା, ୪।୨(ସମିସ): ମହାକାଳପଡ଼ା ବ୍ଲକ ଗୟାସପୁରସ୍ଥିତ ବୀଣାପାଣି ଉପ୍ରା ବିଦ୍ୟାଳୟ ୩ଟି ବିଭାଗରେ ଉତ୍କର୍ଷତା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛି । କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କାର ପାଇଥିବାବେଳେ ଶ୍ରେଷ୍ଠ ଆଲୁମିନି ଆସୋସିଏସନ ଓ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ଦାସ ପୁରସ୍କୃତ ହୋଇଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ସଫଳତା ପାଇଁ ଗୟାସପୁର ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ଧନ୍ୟବାଦ ଜଣାଇଛନ୍ତି ।.

# ଜମ୍ମୁରେ ରକ୍ତଦାନ ଶିବିର

ମହାକାଳପଡ଼ା, ୪।୨(ସମିସ): ମହାକାଳପଡ଼ା ବ୍ଲକ ଜମ୍ମୁ ପଞ୍ଚାୟତର ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ମନୀଭୂଷଣ ଦାସ, ସରପଞ୍ଚ ବିଶ୍ୱଜିତ ବସୁ, ଡାକ୍ତର ସୁଜାତା ସରକାର ଶିବିରକୁ ଉଦଘାଟନ କରିଥିଲେ । ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ସୁଜନ ଦାସ, ଅମର ଚନ୍ଦ୍ର ବେରା, ସମାଜସେବୀ ଶିବବ୍ରତ ଗୋଲ, ବଳରାମ ମଣ୍ଡଳ, ରାଜୀବ ମଣ୍ଡଳ, କ୍ଲବ ସଭାପତି ଶ୍ରୀମନ୍ତ ପାହାଡ଼ି, ସମ୍ପାଦକ ଗୁରୁପଦ ବେରା, କୋଷାଧ୍ୟକ୍ଷ ରାଜକିଶୋର ଦାସ, ସଦସ୍ୟ ଶମ୍ଭୁଜି ଗୋଲ, ସତ୍ୟବ୍ରତ ବସୁ, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ।

# ଇନ୍ଦୁମତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରାଜନଗର, ୪।୨(ସମିସ): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ନୋଧାବସନ୍ତସ୍ଥିତ ଇନ୍ଦୁମତୀ ଶିଶୁବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଅନାଦି ଚରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ଅଷ୍ଟଶମ୍ଭୁ ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ମୁଖ୍ୟବକ୍ତା ପ୍ରାକ୍ତନ ଏବିଓ ବିଜୟ କୁମାର ଜେନା, ସମ୍ମାନୀତ ଅତିଥି ଭାବରେ ବନବିହାରୀଜୀଉ ଉଚ୍ଚବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ଅଭିମନ୍ୟୁ ବରାଳ, ବିରଞ୍ଚି ନାରାୟଣ ବେହେରା, କୈଳାଶ ଚନ୍ଦ୍ର କୁଣ୍ଡ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ତଥା ଟ୍ରଷ୍ଟି ଅକ୍ଷୟ କୁମାର ମିଶ୍ର, ପ୍ରଧାନ ପଣ୍ଡିତ କୃଷ୍ଣ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜୟୀ ହୋଇଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯକ୍ରମରେ ବିଦ୍ୟାଳୟ ସଭାପତି ଗଙ୍ଗାଧର ଷଣ୍ଢ, ଗୋବିନ୍ଦ ଚନ୍ଦ୍ର ଜେନା, ମୋନାଲିସା ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ଗୁରୁଜୀଗୁରୁମା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ହରିଣ ମାଂସ ଜବତ; ୩ ଶିକାରୀ ଗିରଫ

ରାଜନଗର, ୪।୨(ସମିସ): ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ହରିଣ ଶିକାର କରି ତାକୁ ଭୋଜି କରିବାକୁ କଣ୍ଟାବଣ ନେଉଥିବା ବେଳେ ବନ ବିଭାଗ ଟିମ ଶିକାରୀକୁ ମାଡି ବସିବା ସହିତ ହରିଣ ମାଂସ ଜବତ କରିଛି । ଆଜି ସନ୍ଧ୍ୟାରେ ରଙ୍ଗଣୀ ପଞ୍ଚାୟତ ଭେକ୍ଟା ଗାଁର ଟିଙ୍କୁ ଭୂୟାଁ ଏକ ବ୍ୟାଗରେ ୬କେଜି ହରିଣ ମାଂସ ଧରି କଣ୍ଟାବଣ ନେଉଥିଲେ । ସେଠାରେ ଏକ ଭୋଜିରେ ହରିଣ ମାଂସ ରୋଷଇ ହୋଇଥାନ୍ତା । ମାତ୍ର ଖବର ପାଇ ଖୋଲା ନିକଟରେ ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଜଗି ରହିଥିବା ଫରେଷ୍ଟର ନବୀନ ମଲ୍ଲିକ, ପ୍ରଶାନ୍ତ କୁମାର ସିଂହ, ବନ କର୍ମଚାରୀ ଯଶୋବନ୍ତ ବେହେରା, ବିଭୁତି ତରାଇ ପ୍ରମୁଖ ଟିଂକୁଙ୍କୁ ମାଡି ବସିଥିଲେ । ତା ନିକଟରୁ ୬କେଜି ହରିଣ ମାଂସ ଜବତ କରିବା ସହ ପଚରାଉଚରା ପରେ ହରିଣ ଶିକାରରେ ସାମିଲ ଥିବା ଭେକଟା ଗାଁର ଜିତେନ୍ଦ୍ର ବାରିକ, ତାଳଚୁଆ ଗାଁର ମୋତି ମଣ୍ଡଳଙ୍କୁ ବନ ବିଭାଗ ଟିମ ଗିରଫ କରିଛି । ୩ ଜଣ ଶିକାରୀଙ୍କୁ କେଉଁଠି ଶିକାର କରିଥିଲେ, ଏଥିରେ ଆଉ କେଉଁ ମାନେ ସାମିଲ ଅଛନ୍ତି ସେ ନେଇ ପଚରାଉଚରା ଚଳାଇଛି ।

## ବଜ୍ର ମହାକାଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କେନ୍ଦ୍ରାପଡ଼ା ପିକରାଳକୁ ହରାଇ ଜଗତସିଂହପୁର ନୂଆଗଡ଼ ବିଜୟୀ

ଗରଦପୁର, ୪।୨(ସମିସ)



ପଦ୍ମପୁର ପଞ୍ଚାୟତ ଗୋତ୍ରବିଲ ଗ୍ରାମରେ ଦୀର୍ଘ ୮ଦିନ ବ୍ୟାପୀ ଚାଲିଥିବା କ୍ରିକେଟ୍ ମ୍ୟାଚ୍ ରବିବାର ଶେଷ ହୋଇଯାଇଛି । ବଜ୍ର ମହାକାଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କ୍ଲବ ଦ୍ୱାରା ଆୟୋଜିତ ଏହି ଖେଳରେ ସେମିଫାଇନାଲରୁ ଉତ୍ତୀର୍ଣ୍ଣ ହୋଇଥିବା ଦୁଇଟି ଦଳ କେଏମସିସି ପିକିରାଳି ଏବଂ ନୂଆଗଡ଼ ପାରାଦ୍ୱୀପ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା । ପ୍ରଥମେ ଟସ୍ ଜିତି ନୂଆଗଡ଼ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୩୩ ରନ୍ ସଂଗ୍ରହ କରିଥିଲା । ଜବାବରେ କେନ୍ଦ୍ରାପଡ଼ାର ପିକିରାଳି ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୨ ରନ୍ କରିବା ସହ ପରାଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଡ. ବିନୟ ଭୂଷଣ ଜେନା ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଯୋଗଦେଇ ଆଜିର ଯୁବକମାନେ ଖେଳକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ଧଳ, ସମାଜସେବୀ ପ୍ରଫୁଲ୍ଲ ମହାନ୍ତି, ମିହିର ସାମଲ, ଚିତ୍ତରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଏଣ୍ଡର ବିଏମ୍‌ସିସି ବ୍ରଜମହାକାଳୀ କ୍ରିକେଟ ଟ୍ରଫି ଚାମ୍ପିଅନ୍



କେନ୍ଦ୍ରାପଡ଼ା, ୪।୨(ସମିସ): ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏଣ୍ଡର ବିଏମସିସି ବ୍ରଜମହାକାଳୀ କ୍ରିକେଟ ଟ୍ରଫି ଚାମ୍ପିଅନ ହୋଇଛି । ବିଏମସିସି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୭୧ ରନ୍ କରିଥିଲା । ବନ୍ଧପଡ଼ା କ୍ରିକେଟ ଦଳ ମାତ୍ର ୪ ଓଭରରେ ୭ ୱିକେଟ୍ ହରାଇ ୨୬ ରନ୍ କରି ଖେଳରୁ ଓହରି ଯାଇଥିଲା । ଫଳରେ ଅମ୍ପେୟାର ବିଏମସିସିକୁ ବିଜୟୀ ଘୋଷଣା କରିଥିଲେ ।

ଏଣ୍ଡର ଗ୍ରାମାଞ୍ଚଳ ପଡ଼ିଆରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମବାୟବିତ୍ ପ୍ରଦ୍ୟୁମ୍ନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ । ସାମ୍ବାଦିକ ପରେଶ ଦାସ, ସମାଜସେବୀ ପ୍ରଫୁଲ୍ଲ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ପାରାଦୀପ, ୪।୨ (ସମିସ):** ଆଜି ଅପରାହ୍ନରେ କଟକ-ପାରାଦୀପ ରାସ୍ତାର ୧୫ ନମ୍ବର ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ବାଇକ୍ ପାରାଦୀପ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା । ଖବର ପାଇ ଦେବଦୂତ ସଡ଼କ ସୁରକ୍ଷା ବାହିନୀ ସଦସ୍ୟ ସଞ୍ଜୟ ବାରିକ ପହଞ୍ଚି ଆହତ ବାଇକ ଆରୋହୀଙ୍କୁ କୁଜଙ୍ଗ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଆହତ ବାଇକ୍ ଆରୋହୀ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ପ୍ରସନ୍ନ କୁମାର ସାହୁଙ୍କ ପୁଅ ପ୍ରଦ୍ୟୁଷ ରଞ୍ଜନ ସାହୁ ବୋଲି ଜଣାପଡ଼ିଛି ।

● ଇଫ୍‌କୋ ପକ୍ଷରୁ କୃଷକ ପ୍ରଶିକ୍ଷଣ ଶିବିର

## ନାନୋ ୟୁରିଆ ପ୍ରୟୋଗ ଉପରେ ଗୁରୁତ୍ୱ



**ପାରାଦୀପ, ୪।୨(ସମିସ):** ଦେଶର ଅଗ୍ରଣୀ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ ଏବଂ ଏହାର ସହଯୋଗୀ ଅନୁଷ୍ଠାନ କୋର୍ଡେଟ ସଂସ୍ଥାର ମିଳିତ ସହଯୋଗରେ କେନ୍ଦ୍ରାପଡା ଜିଲ୍ଲାର କୁସୁନପୁର ଗ୍ରାମସ୍ଥିତ ବଡ଼ବେତରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦିନିକିଆ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକର କୃଷି ଅଧିକାରୀ ଗୌତମ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସରପଞ୍ଚ ସଂଯୁକ୍ତା ମହାପାତ୍ର, ପୂର୍ବତନ ସରପଞ୍ଚ ବନବିହାରୀ ରାଉତରାୟ, ଇଫକୋ ପାରାଦୀପ ଶାଖାର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, କୋର୍ଡେଟ ସଂସ୍ଥାର ଅଧ୍ୟକ୍ଷ କୁଳମଣି ମାଝୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ କୃଷକ ଏବଂ ଏସଏଚ୍‌ଜି ଗ୍ରୁପର ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଧାନ, ପନିପରିବା ଓ ବିଭିନ୍ନ ଫସଲରେ ଜୈବିକ ସାର ଓ ନାନୋ ୟୁରିଆର ପ୍ରୟୋଗାତ୍ମକ ପ୍ରଣାଳୀ ଓ ଉପକାରିତା ସମ୍ପର୍କରେ ଆଲୋଚନା କରାଯିବା ସହ କୃଷକମାନଙ୍କୁ ପରୀକ୍ଷାମୂଳକ ପ୍ରୟୋଗ ପାଇଁ ନାନୋ ୟୁରିଆ ପ୍ରଦାନ କରାଯାଇଥିଲା । ଏତଦବ୍ୟତୀତ ପରିବେଶ ସୁରକ୍ଷା ନିମନ୍ତେ ନାନୋ ୟୁରିଆର ବ୍ୟବହାର ଓ ଅଧିକ ଉତ୍ପାଦନ ସମେତ ଇଫକୋ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ଉପରେ ଆଲୋଚନା କରାଯାଇଥିଲା ।

## ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



**ତିର୍ତ୍ତୋଲ, ୪।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମାଲଣ୍ଡସ୍ଥିତ ଭାରତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ ଜେରିଆଟ୍ରିକ ସୋସାଇଟି ଆଣ୍ଡ ଇଣ୍ଡିଆର ଓଡ଼ିଶା ଶାଖା ଆନୁକୂଲ୍ୟରେ ବୟସ୍କ ରୋଗୀଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଏସସିବି ଭେଷଜ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଡ.ଅବିନାଶ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏସସିବି ଚିକିତ୍ସାଳୟର ଅଧିକ୍ଷକ ପ୍ରଫେସର ଏସଏସ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ଭେଷଜ ବିଭାଗ ବିଶେଷଜ୍ଞ ପ୍ରଫେସର ପି ସି ଦାଶ, ଡା. ସବ୍ୟସାଚୀ ମହାପାତ୍ର, ଡା.ସନ୍ତୋଷ କୁମାର ସ୍ୱାଇଁ, ଡା. ବିଶ୍ୱାଳ ସ୍ୱାଇଁ, ଡା.ସଞ୍ଜୟ ବେହେରା, ଡା.ଶ୍ରୀଧର ପଣ୍ଡା, ଡା.ଅନୁପମ ବିଶ୍ୱାସ, ନ୍ୟୁରୋଲୋଜି ବିଭାଗର ଡା.ଭବାନୀ ଶଙ୍କର ପଣ୍ଡା, ହୃଦ୍‌ରୋଗ ବିଭାଗର ଡା. ଯଶୋବନ୍ତ ବେହେରା, ଅର୍ଥୋପେଡିକ ବିଭାଗର ଡା.ତପନ ଶତପଥୀ, ଡା.ଅରୁଣ ଆଚାର୍ଯ୍ୟ, ୟୁରୋଲୋଜି ବିଭାଗର ଡା.ସଞ୍ଜୟ ଚୌଧୁରୀ, ହେପାଟୋଲୋଜି ବିଭାଗର ଡା. ସନାତନ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳର ୨୫୦ରୁ ଅଧିକ ବରିଷ୍ଠ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ସ୍ୱାଇଁ, ପରିଚାଳନା କମିଟି ସଭାପତି ବିଜୟ ନନ୍ଦୀ, ବିନୋଦ ନାୟକ, ପ୍ରଦୀପ ଜୋଷୀ, ଦିଲୀପ ସାହୁ, ଅଦ୍ୱୈତ ରାଉତ, ବିଜୟ କିଶୋର ମହାରଣା, ବିଜୟ ସାହୁ, ସାରଦା ପ୍ରସାଦ ମହାନ୍ତି, ଅରୁଣ ଜେନା, ଦୁର୍ଲଭ ମହାନ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ ।

● ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

# ପାରାଦୀପ ସାମୁଦ୍ରିକ ଦୀପରେ ପଡ଼ିଛି କଇଁଛଙ୍କ ମୃତଦେହ

**ଜଗତସିଂହପୁର, ୪।୨(ସମିସ)**



ପାରାଦୀପ ବଙ୍ଗୋପସାଗର ବେଳାଭୂମିରେ ବିରଳ ଅଲିଭ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଛି । ପ୍ରତିଦିନ ପର୍ଯ୍ୟଟକମାନଙ୍କ ଭିଡ଼ ଜମିବା ପୂର୍ବରୁ ବନବିଭାଗ ପକ୍ଷରୁ ମୃତ କଇଁଛକୁ ବାଲିରେ ଗାତଖୋଳି ପୋତାଯାଉଛି । ସେହିପରି ପାରାଦୀପ ବନ୍ଦର ସନ୍ନିକଟ ମହାନଦୀ ମୁହାଣର ମାଦିଳି ଦୀପରେ ମଧ୍ୟ ମୃତ କଇଁଛ ମାନେ ପଡିଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷର୍ ଏଠାରେ କେତେ କଇଁଛ ମୃତ୍ୟୁବରଣ କରିଛନ୍ତି ସେ ସଂପର୍କରେ ବନ ବିଭଗ ପକ୍ଷରୁ ନିରବତା ଅବଲମ୍ବନ କରାଯାଉଥିଲେ ମଧ୍ୟ ଶତାଧିକ କଇଁଛ ମୃତ୍ୟୁବରଣ କରିଥିବା ସଂପର୍କରେ ସାଧାରଣରେ ଅଭିଯୋଗ ହେଉଛି । ଗହିରମଥା ସାମୁଦ୍ରିକ ଅଭୟାରଣ୍ୟକୁ ଅଣ୍ଡାଦେବାକୁ ଆସୁଥିବା ଏହି କଇଁଛମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ମେରାଇନ ଫିସିଂ ରେଗୁଲେସନ ଆକ୍ଟ ଲାଗୁ କରାଯାଇ ନଭେମ୍ବର ୧ରୁ ମେ ୩୧ଯାଏ ଦୀର୍ଘ ୭ମାସ ମାଛଧରା ଉପରେ କଟକଣା ଜାରି କରାଯାଇଛି । ଏଥିପାଇଁ ବନବିଭାଗ, ମତ୍ସ୍ୟବିଭାଗ ଓ ତଟରକ୍ଷୀବାହିନୀ ହାତରେ କଇଁଛଙ୍କ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ବାସ୍ତବରେ ଏତେ ସଂଖ୍ୟକ କଇଁଛଙ୍କ ଏଠାରେ ମୃତ୍ୟୁକୁ ନେଇ ଏହି ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ପ୍ରତିବର୍ଷ ହଜାର ହଜାର ନେଟିକାଲ ମାଇଲ ଦୂରରୁ ଅତିଥି କଇଁଛମାନେ ଅଣ୍ଡା ଦେବାକୁ ଆସିଥାନ୍ତି । ନଭେମ୍ବରରୁ ଡିସେମ୍ବର ମଧ୍ୟରେ ସାମୁଦ୍ରିକ କଇଁଛ ମାନଙ୍କ ମିଳନ ଘଟିଥାଏ । ଫେବୃଆରୀରେ ଏମାନେ ଅଣ୍ଡା ଦେଇଥାନ୍ତି । ଓଡ଼ିଶାର ୩ରୁ ୪ଟି ସ୍ଥାନକୁ ଅଲିଭ ରିଡ୍‌ଲେ କଇଁଛମାନେ ଅଣ୍ଡା ଦେବାକୁ ପସନ୍ଦ କରୁଛନ୍ତି । ଋଷିକୁଲ୍ୟା ମୁହାଣ, ଦେବୀ ନଦୀ ମୁହାଣ, ଗହିରମଥାରେ ସର୍ବାଧିକ କଇଁଛମାନେ ଅଣ୍ଡା ଦେଇଥାନ୍ତି । କଇଁଛ ସୁରକ୍ଷା ଜୋନରେ ପାରାଦୀପ ନିକଟ ସମୁଦ୍ରର ଉପକୂଳ ଯାଉଥିବାରୁ ଉପକୂଳର ୨୦ କି.ମି. ଭିତରକୁ ଟ୍ରଲର ଚଳାଚଳକୁ ନିଷେଧ କରାଯାଇଛି । ମାତ୍ର ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜାଲ କିମ୍ବା ବୋଟ ମାଡ, ଜାହାଜ ଚଳାଚଳ ଓ ଅନ୍ୟାନ୍ୟ କାରଣରୁ ପାରାଦୀପ ବେଳାଭୂମିରେ କଇଁଛମାନଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳୁଛି ।

● ପ୍ରତିଦିନ ସକାଳେ ଗାତ ଖୋଳି ପୋତିଦେଉଛି ବନବିଭାଗ

● ସଂକଟରେ ବିରଳ ଅତିଥି କଇଁଛଙ୍କ ଭବିଷ୍ୟତ

ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ନିୟମ ୧୯୮୨ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ, ଅଲିଭ ରିଡଲେ କଇଁଛ ମାନଙ୍କ ପାଇଁ ୭ମାସ କଟକଣା ଜାରି କରାଯାଇଛି । ଚଳିତ ବର୍ଷ ବନବିଭାଗ, ମତ୍ସ୍ୟବିଭାଗ, ତଟରକ୍ଷୀ ବାହିନୀ, ମେରାଇନ ପୁଲିସଙ୍କୁ ସୁରକ୍ଷାରେ ନିୟୋଜିତ କରାଯାଇଛି । ରାଜନଗର ବନବିଭାଗ ତରଫରୁ ଅଲିଭରିଡଲେଙ୍କ ସୁରକ୍ଷା ପାଇଁ ୨୪ ଘଣ୍ଟିଆ ପାଟ୍ରୋଲିଂ ,ବେସ୍ କ୍ୟାମ୍ପ ଓ ଅଧିକ ବନ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା କୁହାଯାଇଛି । ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବାସ୍ତବରେ କଇଁଛମାନେ ଯେଉଁ ଅସୁରକ୍ଷିତକୁ ସେହି ଅସୁରକ୍ଷିତ ହୋଇ ରହିଛନ୍ତି । ପାଟ୍ରୋଲିଂ ପାଇଁ ବନବିଭାଗକୁ ୫ଟି ହାଇସ୍ପିଡ ବୋଟ , ୧୩ଟି ଟ୍ରଲର ଓ ସହାୟକ ବୋଟ ଯୋଗାଇ ଦିଆଯାଇଛି । କଇଁଛଙ୍କ ପାଇଁ ୭ ମାସର ଜୀବିକା ବିପନ୍ନ ହୋଇଥିବା ରାଜ୍ୟର ପ୍ରଭାବିତ ୧୦, ୬୦୦ ମତ୍ସ୍ୟଜୀବୀଙ୍କୁ ୧୫, ୫୦୦ ଟଙ୍କା ଜୀବିକା ସହାୟତା ପ୍ରଦାନର ବ୍ୟବସ୍ଥା ହୋଇଛି । ମାତ୍ର ଶହ ଶହ ବିରଳ କଇଁଛଙ୍କ ମୃତଦେହ ବିକ୍ଷିପ୍ତ ଭାବରେ ଏଣେ ତେଣେ ପଡିଥିବା ଦେଖିବାକୁ ମିଳିଛି । ମିଳନ ଓ ପ୍ରଜନନ ପାଇଁ ହଜାର ହଜାର ନେଟିକିଲ ମାଇଲ ଦୂର ସାମୁଦ୍ରିକ ପଥକୁ ଅତିକ୍ରମ କରି ଆସୁଥିବା ବିରଳ ଅଲିଭରିଡଲେ କଇଁଛ ମାଛଧରା ବୋଟ ଓ ଟ୍ରଲରମାନଙ୍କ ମାଡ ତଥା ଜାଲରେ ଫସି ମୃତ୍ୟୁବରଣ କରିବା ପରେ ଏଗୁଡିକୁ ଏଠାରେ ଏଣେ ତେଣେ ଫୋପାଡି ଦିଆଯାଉଛି । ଏହି କଇଁଛ ମାନଙ୍କ ମୃତଦେହ ସମୁଦ୍ରରେ ଭାସି ଆସି ପାରଦୀପର ବେଳାଭୂମିରେ ଲାଗୁଥିବା ନେଇ ସନ୍ଦେହ ପ୍ରକାଶ ପାଇଛି । ମାଛଧରା ଜାଲରେ ଲାଗି କଇଁଛଙ୍କ ମୃତ୍ୟୁକୁ ନେଇ ଆମ୍ବ ବେଲାରି ଗ୍ରାମର ସୁଶାନ୍ତ ହାଲଦାର କୁହନ୍ତି, ସମୁଦ୍ରରେ ବଡ ବଡ ଟ୍ରଲର ଦୀର୍ଘ ୫ ଘଣ୍ଟା ଧରି ମାଛ ମାରନ୍ତି । କଇଁଛ ନିଷ୍କାସନ ଯନ୍ତ୍ର ନଥିବାରୁ ଏହି ଜାଲରେ କଇଁଛ ଲାଗିଲେ ନିଶ୍ୱାସ ନନେଇ ପାରି ମୃତ୍ୟୁବରଣ କରନ୍ତି । ଏ ସଂପର୍କରେ ପାରାଦୀପର ପ୍ରଶାନ୍ତ ରାଉତ କୁହନ୍ତି, ଉପକୂଳର ୨୦ କିଲୋମିଟର ବାହାରେ ବଡ଼ ବଡ଼ ମାଛଧରା ଟ୍ରଲର ଫିସିଂ କରୁଛନ୍ତି । ପାରାଦୀପ ବନ୍ଦରକୁ ଜାହାଜ ଚଳାଚଳ ପ୍ରତିଦିନ ଜାରି ରହିଛି । ମୃତ କଇଁଛର ଶବକୁ ବ୍ୟବଚ୍ଛେଦ କରାଗଲେ ମୃତ୍ୟୁର ସଠିକ କାରଣ ସଂପର୍କରେ ଜଣାପଡନ୍ତା । ମାତ୍ର ବନବିଭାଗ ପକ୍ଷରୁ ମୃତ କଇଁଛକୁ ପୋତି ନିଜର ତ୍ରୁଟିକୁ ଲୁଚାଇ ଦିଆଯାଉଥିବାରୁ ଏତେ ସଂଖ୍ୟକ କଇଁଛ ମାନଙ୍କର କିପରି ମୃତ୍ୟୁ ଘଟୁଛି ସେ ସଂପର୍କରେ ସମସ୍ତଙ୍କ ମନରେ ସନ୍ଦେହ ରହିଛି ।

## ଓଡ଼ିଆ ଭାଷା ପ୍ରତିଯୋଗିତା



**ବିରିଡ଼ି,୪।୨(ସମିସ)**

ବିରିଡି ବ୍ଲକ ଅନ୍ତର୍ଗତ ଅନନ୍ତ ବ୍ରହ୍ମପୁରସ୍ଥିତ ଜନତା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଗଉସୁନଗର ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ଅବସରରେ ବିଦ୍ୟାଳୟର ପିଲାମାନଙ୍କୁ ନେଇ ଭାଷା ସାହିତ୍ୟ ଓ ସୃଜନ ଶୀଳତା ଉତ୍ସବ ପାଳନ କରଯାଇଥିଲା । ଭରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଝୁଣା ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ନିହାର ରଞ୍ଜନ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅର୍ଚ୍ଚନା ପାଣିଗ୍ରାହୀ, ସୁବ୍ରତ ପାଣିଗ୍ରାହୀ, ସୋମନାଥ ଓଝା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ । ଶିକ୍ଷକ ଶୟଦ ଅଜାଦ ରଜାଇ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସଚିଦାନନ୍ଦ ଦାଶ, ସୂର୍ଯ୍ୟ ନାରାୟଣ ବିଶ୍ୱଳ, ପ୍ରଭାକର ବେହେରା, ମମତା ସ୍ୱାଇଁ, ଭାରତୀୟ ବେହେରା, ଅମ୍ରିତା ପତି, ଲଳିତା ଲାବଣ୍ୟ ବତୀ ବିଶ୍ୱାଳ ପ୍ରମୁଖ ପରିଚାଳନା କାରିଥିଲେ । ଛାତ୍ରୀ ଅର୍ପିତା ପଟ୍ଟନାୟକ, ସ୍ୱାଗତିକା ପାଣିଗ୍ରାହୀ, ଆକାଶ କୁମାର ବେହେରା, ଅରିଓ କିଶୋର ମହାରଣାଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଗଉସୁନଗର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ନାୟକଙ୍କ ପରିଚାଳନାରେ ଆୟୋଜିତ କର୍ଯ୍ୟକ୍ରମରେ ସଭାପତି ପଞ୍ଚାନନ ବେହେରା ସଭାପତିତ୍ୱ କରିଥିଲେ । ଏଥିରେ ଶରତ ଚନ୍ଦ୍ର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ମହାରଣା ଅତିଥିଭାବେ ଯୋଗଦେଇ ସାହିତ୍ୟ ଉପରେ ଆଲୋଚନା କରିଥିଲେ । ପରିଚାଳନା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା । ପ୍ରମିଳା ତାରେଣିଆ, ସୌମ୍ୟଶ୍ରୀ ଓଝା ସହାୟତା କରିଥିଲେ ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ତିର୍ତ୍ତୋଲ, ୪।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତ ଦଶମାଣଜୁଳ ଅଡାପତିସ୍ଥିତ ଶ୍ରୀମା ମହିଳା ଉଚ୍ଚ ମାଧ୍ୟମିକ ମହିଳା ମହାବିଦ୍ୟାଳୟ ପରିସରରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ସମ୍ବନ୍ଧୀୟ ଅତିରିକ୍ତ ବିଭାଗରେ ଶ୍ରୀଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠାନର ଅଧ୍ୟକ୍ଷା ମେଘମାଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆଦିକବି ସାରଳାଦାସ ମହାବିଦ୍ୟାଳୟ ତିର୍ତ୍ତୋଲର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଉମାକାନ୍ତ ନାୟକ, ସମ୍ମାନିତ ଅତିଥି ରାଜନୀତି ବିଜ୍ଞାନର ଅଧ୍ୟାପକ ଅରୁଣ କୁମାର ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ଇତିହାସ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ନୋଡାଲ ଅଧିକାରୀ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଅଧ୍ୟାପିକା କାଞ୍ଚନବାଳା ସେନାପତି, ଅଧ୍ୟାପକ ମାଧବ ଚରଣ ବେହେରା, ଅଧ୍ୟାପିକା ଅମିତା ମହାପାତ୍ର, ଗ୍ରନ୍ଥାଗାର ସହାୟିକା ଗାୟତ୍ରୀ ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା ପରିଜା, ମନୋଜ କୁମାର ରାଉତ, ଅଭୟ କୁମାର ଆଚାର୍ଯ୍ୟ, ଶରତ ମହାପାତ୍ର, ରେଣୁବାଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଅଧ୍ୟାପକ ରବୀନ୍ଦ୍ର କୁମାର କାନୁନଗୋ ଧନ୍ୟବାଦ ଦେଇଥିଲେ ।





## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ

**ଜଗତସିଂହପୁର,୪।୨(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ପାରୁଲ ପଟାୱରୀ ଓ ମ୍ୟୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌର ପରିଷଦ ମୁଖ୍ୟ ସହାୟକ,ଦୀପକ ପଟ୍ଟନାୟକ, ଆଇନଜୀବୀ ନରେଶ ଦାସ, ପୌର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

**ଜିଲ୍ଲା ଓକିଲ ସଂଘ** ଜଗତସିଂହପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ଜିଲ୍ଲା ଓକିଲ ସଂଘର ସଭାପତି ଆଇନଜୀବୀ ଦେବେନ୍ଦ୍ରନାଥ ସ୍ୱାଇଁ, ଉପସଭାପତି ସରୋଜ କୁମାର ବିଶ୍ୱାଳ, ସଂପାଦକ ନରେଶ ଦାସ, ଯୁଗ୍ମ ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୁର୍ଯୋଧନ ରାଉତ, ଆଇନଜୀବୀ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଯୁଗଳ କିଶୋର ଚାନ୍ଦ ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

● ଆଞ୍ଚଳିକ ଯୁବ ପରିଷଦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଜଟଣୀକୁ ହରାଇ କଟକ ଚାମ୍ପିଅନ୍

**ଏରସମା, ୪।୨(ସମିସ)**

ଏରସମା ବ୍ଲକ ମିନି ଷ୍ଟାଡିୟମରେ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ । ଫାଇନାଲ୍ ମ୍ୟାଚ୍‌ରେ କଟକର ୟୁନିଅନ କ୍ରିକେଟ କ୍ଲବ୍ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି । ଜଟଣୀ କଳିଙ୍ଗ କ୍ରିକେଟ୍ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୨୫୫ ରନ୍ କରିଥିଲା । ୟୁନିୟନ କ୍ରିକେଟ କ୍ଲବ ୧୮ ଓଭରରେ ୭ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା ।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଓ ରାଜ୍ୟ କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ଜିଲ୍ଲା ପରିଷଦ ପୀତବାସ ଗୋଛାୟତ, ଏରସମା ଥାନା ଆଇଆଇସି ନିରଞ୍ଜନ ଦାସ, ଦୀପ୍ତିରଂଜନ କୁଆଁର ଯୋଗଦେଇ ଦୁଇ ଦଳକୁ ଟ୍ରଫି ଓ ଅର୍ଥ ପ୍ରଦାନ କରିଥିଲେ । ଏରସମା ଆଞ୍ଚଳିକ ଯୁବ ପରିଷଦର ସଭାପତି ଜ୍ୟୋତିରଂଜନ କୁଆଁର, ସମ୍ପାଦକ ତଥା ଏରସମା ସରପଞ୍ଚ ସଚିଦାନନ୍ଦ ଦାସ, ସୁଧୀର ମହାପାତ୍ର, ଦେବବ୍ରତ ରାଉତରାୟ, ସୁରେନ୍ଦ୍ର ସାମଲ, ଦିଲ୍ଲୀପ ସାହୁ,ମାନସ ଖଟୁଆ, ପବିତ୍ର ଦାସ, ସନ୍ଦୀପ ଦାସ ଓ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।



## ଆଲୋକ ସ୍ମାରକୀ କ୍ରିକେଟ୍; ଗାଦିବ୍ରହ୍ମ ଚାମ୍ପିଅନ୍

**ବାଲିକୁଦା,୪।୨(ସମିସ)**

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତର ଦଶବାଟିଆ ମାତୃଶକ୍ତି କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ହରଡ଼ ପଡ଼ିଆରେ ଚାଲିଥିବା ତୃତୀୟ ବାର୍ଷିକ ଆଲୋକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଖଣ୍ଡଗିରି ଗାଦିବ୍ରହ୍ମ କ୍ରିକେଟ କ୍ଲବ ଗଣ୍ଡକୁଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା । ଜବାବରେ ମାତୃଶକ୍ତି କ୍ରିକେଟ କ୍ଲବ ୯ ୱିକେଟ ହରାଇ ୧୪୬ ରନ୍ କରି ପରାସ୍ତ ହୋଇଥିଲା । ଅର୍ଦ୍ଧଶତକୀୟ ଇନିଂସ ଖେଳି କରି ଦଳକୁ ବିଜୟୀ କରାଇଥିବା ବାଦଲ ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ୍ ଓ ସିରିଜରେ ୧୦୦ରୁ ଊର୍ଦ୍ଧ୍ୱ ସ୍କୋର ସମେତ ୮ ୱିକେଟ ଅକ୍ତିଆର କରିଥିବା ଏସକେ ଅମିତ କୁମାର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ଶ୍ରେଷ୍ଠ ବୋଲର ବାଦଲ ଜେନା ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପ୍ରମୋଦ୍ ମହାନ୍ତି ବିବେଚିତ ହୋଇଥିଲେ । ଧର୍ମେନ୍ଦ୍ର ସାହୁ ଓ ରଶ୍ମୀରଂଜନ ରାଉତ ଖେଳ ପରିଚାଳନା କରିଥିବାବେଳେ ରିତେଶ ପରିଡା ଓ ରତିକାନ୍ତ ପରିଡା ସ୍କୋରର ଥିଲେ । ସୁବାସ ସ୍ୱାଇଁ, ଆକାଶ ମହାନ୍ତି ଭାଷ୍ୟକାର ଥିଲେ ।

ଯୁବ ସାମ୍ବାଦିକ ପ୍ରଣବ ପ୍ରଧାନଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ମୁଖ୍ୟବକ୍ତା ଭାବେ କିଶାରାମ ବିଶ୍ୱାଳ ଫାଉଣ୍ଡେସନ ପ୍ରତିଷ୍ଠାତ ମୟୂରଭଞ୍ଜ ଜିଲ୍ଲା ସମାଜିକ ଅଧିକାରୀ ପୁଷ୍କର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଆଇନଜୀବୀ ଯୁଗଳ କିଶୋର ମହାନ୍ତି, ସମାଜସେବୀ ଅଞ୍ଜଳି ମହାନ୍ତି ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ । କ୍ଲବର ମ୍ୟାନେଜର ଦିଲ୍ଲୀପ ପରିଡା, କୋଚ ସଞ୍ଜୟ ପରିଡା, ସଭାପତି ଆସିକ ମହାନ୍ତି, ସଞ୍ଜୟ ସ୍ୱାଇଁ, ଧୀରେନ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସରୋଜ ସ୍ୱାଇଁ, ବ୍ରହ୍ମଜିତ ବିଶ୍ୱାଳ, ବାବୁ ମହାନ୍ତି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।



# ଉଜୁଡ଼ା ଧାନ କ୍ଷେତରେ ସଂଘର୍ଷ କରୁଛି ଚାଷୀ

କୁଜଙ୍ଗ, ୪।୨(ସମିସ): କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ବାଲିପାରି ଗ୍ରାମର ବୈଷ୍ଣବ ଚରଣ ରାଉତ ୪ ଏକର ଚାଷ କରି ଏବେ ହତାଶ ହୋଇପଡ଼ିଛନ୍ତି। ଉଜୁଡା ଧାନ କ୍ଷେତରେ ଧାନ ଗଛ ଖୋଜି ପାଉନଥିବା ବେଳେ ନିଜ ଭାଗ୍ୟ ଓ ଭବିଷ୍ୟତକୁ ନେଇ ଚିନ୍ତାରେ। ଗତ ବର୍ଷାରେ ଏହି ଅଞ୍ଚଳରେ ବହୁ ଜମି ଜଳମଗ୍ନ ହେବା ସହ ଧାନ ପାଚିଲା ବେଳଠୁ କ୍ଷେତରୁ ପାଣି ଛାଡିନଥିଲା। ଫଳରେ ବହୁ ଚାଷୀଙ୍କ ଧାନ ଉଜୁଡି ଯାଇଥିଲା। ମାତ୍ର ଫେବୃଆରୀ ମାସ ପ୍ରଥମ ସପ୍ତାହରେ ଚାଷୀ ଜମି ପାଖକୁ ଯାଇ ଏବେ ଭାଙ୍ଗି ପଡ଼ିଛନ୍ତି। ଏହା କେବଳ ବାଲିପାରିର ବୈଷ୍ଣବ ଚରଣ ରାଉତ ଓ ତାଙ୍କ ପରିବାରର ଦୁଃଖ ନୁହେଁ, ସ୍ଥାନୀୟ ଅଞ୍ଚଳର ଧରଣୀ ବିଶ୍ୱାଳ, କ୍ଷୀର ବେହେରା ଓ ବଡଳାଙ୍ଗର ପୀତାମ୍ବର ପୁହାଣ, ପ୍ରଫୁଲ୍ଲ ମହାନ୍ତି, ଦୟାନିଧି ମହାନ୍ତି ପ୍ରମୁଖଙ୍କ ବହୁ ଚାଷ ଜମି ଅମଳ ସମୟରେ ଉଜୁଡି ଯାଇଛି। ଏହି ଚକ ଜମିରୁ ଜଳ ନିଷ୍କାସନ ହୋଇପାରୁନଥିବା ନେଇ ବହୁବାର ସାଧାରଣରେ ଦାବି ହୋଇ ଆସୁଥିବା ବେଳେ ଜଳ ସେଚନ ଓ ଡ୍ରେନେଜ ବିଭାଗ ପଦକ୍ଷପ ନେଉନଥିବା ଶିକ୍ଷାବିତ୍ ନିଶାକର ମୁଦୁଲି ଅଭିଯୋଗ କରି ଆସୁଥିବା ବେଳେ ଆଗାମୀ ଦିନରେ ଚାଷୀ ସାହାସ ଜୁଟାଇ ଚାଷ କରିପାରିବେ ନାହିଁ। ଉର୍ବର ଜମି ପାଇଁ ବଡଳାଙ୍ଗ ଗହୀର ଓ ବାଲିପାରି ଅଞ୍ଚଳ ର ପରିଚୟ ଥିବା ବେଳେ ଏବେ ଏହି ଅଞ୍ଚଳର ଚାଷୀ ଧାନରେ କ୍ଷତି ସହୁଥିବା ବେଳେ ମୁଗ ଚାଷ ଉପରେ ଭରସା। ମାତ୍ର ମାଘ ମାସ ହେବାକୁ ବସିଥିବା ବେଳେ ମୁଗ ମଞ୍ଜି ବୁଣା ହୋଇନଥିବା ବେଳେ ଓ ମୁଗ ପାଇଁ ମଣ୍ଡି ମୁଗ ଚାଷୀଙ୍କ ଠାରୁ ସଠିକ ଭାବରେ ସଂଗ୍ରହ କରୁନଥିବା ଅଭିଯୋଗ କରିଛନ୍ତି ବହୁ ଚାଷୀ। ଫଳରେ ଚାଷ ଠାରୁ ଚାଷୀ ଦୂରେଇ ଏବେ ପାରାଦ୍ୱୀପ ଶିଳ୍ପାଞ୍ଚଳ ଅଭିମୁଖେ କିମ୍ବା ଦାଦନ ଦିଗରେ ଅଗ୍ରସର ହେଉଥିବା ଅଭିଯୋଗ କରିଛନ୍ତି ପ୍ରମୁଖ ଚାଷୀ ଦୟାନିଧି ମହାନ୍ତି।



# ଅଦିନିଆ ବର୍ଷା; ବିରି ଫସଲର ବ୍ୟାପକ କ୍ଷତି

## ଚିନ୍ତାରେ ଚାଷୀକୁଳ

ପଟ୍ଟାମୁଣ୍ଡାଇ, ୪।୨(ସମିସ): ଗତ ଶୁକ୍ରବାର ଅପରାହ୍ନରେ ହଠାତ ବର୍ଷା ହେବା ଫଳରେ ଓପଡ଼ା ହୋଇ ବିଲରେ ପଡ଼ିଥିବା ବିରି ଫସଲର ବ୍ୟାପକ କ୍ଷତି ଘଟିଛି। ଗତ ଏକ ସପ୍ତାହ ହେଲା କୋହଲା ପାଗ ସାଙ୍ଗକୁ ଟାଣ ଖରା ନହେବା ଦ୍ୱାରା ଓପଡ଼ା ଯାଇଥିବା ବିରି ବିଲରେ ପଡ଼ି ରହିଥିଲା ଓ ବିରି ଶୁଖିଥିଲେ ଚାଷୀମାନେ ଗଦା ଦେଇ ସୁରକ୍ଷିତ ଭାବରେ ସାଇତି ରଖିଥାନ୍ତେ। ପୁଣି ବର୍ଷା ଚାଷୀକୂଳକୁ ନିରାଶ କରିଛି। ତେବେ ୨ଦିନ ମଧ୍ୟରେ ଯଦି ଖରା ପାଗ ନହୁଏ, ବିରି ଫସଲ ଗଜା ମାରି ସମୂଳେ ନଷ୍ଟ ହେବା ଆଶଙ୍କା ଦେଖା ଦେଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ବିରି ଅମାର କୁହାଯାଉଥିବା ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା, ଅମୃତମଣୋହି, ବଲୁରିଆ, ସିଂହଗାଁ, ପେଣ୍ଟପାଳ, ତରଡ଼ିପାଳ ଓ ଅଳପୁଆ ପଞ୍ଚାୟତର ଶହ ଶହ ଚାଷୀ ପ୍ରାୟ ୧୫ ଶହ ହେକ୍ଟର ଜମିରେ ଚାଷ କରିଥିଲେ। ସମ୍ପ୍ରତି ଜମିରେ ବନ୍ୟା ଦ୍ୱାରା ପୂର୍ବଭଳି ପଟୁ ପଡୁନି। ଜମି ବେଶା ଓ ଖରୀରେ ଭରପୁର ଓ ଯାହାଫଳରେ ବିରି ଚାଷରେ ହେକ୍ଟରପିଛା ୨୫ ହଜାରରୁ ଅଧିକ ଖର୍ଚ୍ଚ ହେଉଛି ଓ ଧାର କରଜ କରି ଚାଷୀମାନେ କରିଥିବା ବିରି ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବିରି ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଚାଷୀମାନେ ଏହି ଫସଲରୁ ବେଶ ଦୁଇ ପଇସା ଆୟ କରି ବର୍ଷକର ଘର ଖର୍ଚ୍ଚ ଉଠାଇଥାନ୍ତି। ୨୦୧୯ ମସିହାରୁ ରାଜ୍ୟ ସରକାର ବିରି ଭଳି ୫ଟି ରବିଜାତୀୟ ଫସଲକୁ ଶସ୍ୟ ବୀମାଭୁକ୍ତ କରିବାକୁ ଉଦ୍ୟମ କରିଥିଲେ ମଧ ଅଦ୍ୟାବଧି ତାର କୌଣସି ସୁଫଳ ମିଳୁନଥିବା ଦେଖା ଯାଉଛି। ଏଭଳି ପରିସ୍ଥିତିରେ କୃଷି ବିଭାଗ ନିଦାବିଷ୍ଣୁ ସାଜିଛି ଓ ଆସନ୍ତାକାଲି ଶୁଖିଲା ପାଗ ନହେଲେ ବର୍ଷାରେ ଭିଜିଥିବା ଶୁଖିଲା ବିରି ଫସଲ ସମୂଳେ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି ଓ ରାଜ୍ୟ ସରକାର ତୁରନ୍ତ ଏକ୍ଷେତ୍ରରେ ପଦକ୍ଷେପ ନେବାକୁ କୃଷକ ନେତା ଚିତ୍ତରଞ୍ଜନ ମଲ୍ଲିକ ଦୃଢ଼ ଦାବି କରିଛନ୍ତି।

# ଗ୍ରାମସାଥୀ ସଂଘର ବୈଠକ

ଡେରାବିଶ, ୪।୨ (ସମିସ): ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ ଛତା ବଟ ପରିସରରେ ଡେରାବିଶ ବ୍ଲକ ଗ୍ରାମସାଥୀ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଡେରାବିଶ ବ୍ଲକ ଗ୍ରାମସାଥୀ ସଂଘ ସଭାପତି ଉପେନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତ ଗ୍ରାମସାଥୀ ଯୋଗ ଦେଇଥିଲେ। ବୈଠକରେ ଗ୍ରାମସାଥୀଙ୍କ ଦାବି ପୂରଣ ନେଇ ଧାରଣା ଦିଆଯିବାକୁ ନିଷ୍ପତ୍ତି



ନିଆଯାଇଥିଲା। ଉକ୍ତ ବୈଠକରେ ପ୍ରମୋଦ କୁମାର ସ୍ୱାଇଁ, ଶିଶିର କୁମାର ମଲିକ, ବିଜୟ କୁମାର ବେହେରା, ଉମେଶ ଚନ୍ଦ୍ର ସାହୁ, କରୁଣାକର ମହାନ୍ତି, ଦିଲ୍ଲୀପ କୁମାର ଜେନା, ଅମୀୟ ରଞ୍ଜନ ପଣ୍ଡା, ନିରୋଜନଳିନୀ ମଳିକ, ଜାନୁଲତା ସାହୁ ଓ ଅନୁକମ୍ପା ସାହୁ ପ୍ରମୁଖ ସମସ୍ତ ଗାଁ ସାଥୀ ଉପସ୍ଥିତ ଥିଲେ। ସମ୍ପାଦକ କବି ପ୍ରସାଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, ୪।୨ (ସମିସ) : ପାରାଦୀପ ଉପକଣ୍ଠ ଉଛବାନନ୍ଦପୁର ସରସ୍ୱତୀ ଷ୍ଟଡି ସେଣ୍ଟରରେ 'ସଡକ ସୁରକ୍ଷା ଜୀବନ ରକ୍ଷା' ଓ 'ଆମ ଜୀବନ ଆମ ହାତରେ' ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଦୂତ ସଡକ ସୁରକ୍ଷା ବାହିନୀର ସଭାପତି ପଙ୍କଜ କୁମାର ତରାଇ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ନିଶା ସେବନ ନକରିବା ପାଇଁ ପରାମର୍ଶ ଦେଇଥିବା ବେଳେ କେବେ କୌଣସି ପରିସ୍ଥିତିରେ ବି ରାସ୍ତାରେ ଯାତାୟତ ସମୟରେ ଅନ୍ୟମନସ୍କ ହେବା କିମ୍ବା ହାତରେ ମୋବାଇଲ୍, ମୁଣ୍ଡରେ ହେଲମେଟ ନପିନ୍ଧି, ଦ୍ରୁତଗତିରେ ଗାଡି ଚଲାଇବା ପାଇଁ ସମ୍ପୂର୍ଣ୍ଣ ବାରଣ କରିବା ସହିତ ପରାମର୍ଶ ଦେଇଥିଲେ। ଏଥିରେ ସଙ୍ଗଠନର ଶିଶିର କୁମାର ସାହୁ, ପ୍ରକାଶ କୁମାର ସାହୁ, ସନ୍ଦୀପ ନାଥ, କାହ୍ନୁ ସାହୁ, ସୁଜିତ ତରାଇ, ଦୀପକ ରାଉତ, ପ୍ରମୋଦ



ପଣ୍ଡା, ବିଜୟ ତରାଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ତ୍ରିଗୁଣ ତରାଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ ଛାତ୍ରଛାତ୍ରୀମାନେ ଏସବୁ ପରାମର୍ଶ ପାଇ ଜୀବନରେ ଏ ବାର୍ତ୍ତାକୁ ନିଜେ ମାନିବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଶପଥ ନେଇଥିଲେ।

# ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର

ବାଲିକୁଦା, ୪।୨(ସମିସ): ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମାନସ ରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଚେତନତା ଶିବିରରେ ଅତିଥି ଭାବେ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ଏବିଡ଼ିଓ ସଞ୍ଜୟ କୁମାର ଦାସ, ଜିଲ୍ଲାପରିଷଦ ଜଟାଧାରୀ ଦାସ, ଡଲି ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରୀ, ପଞ୍ଚାୟତ ଅଧିକାରୀ ନଗେନ୍ଦ୍ର ସାହୁ, ଜିଆରଏସ ବିଭୁତି ପ୍ରଧାନ, ସମିତି ସଭ୍ୟା ରାଜଶ୍ରୀ ମହାନ୍ତି, ନାୟବ ସରପଞ୍ଚ ସୁଜାତା ପରିଡ଼ାଙ୍କ ସହ ବୋରିକିନା, ଇଛାପୁର, ତିତିରା, ତଣ୍ଡିକୁଳ, ଅରିଲୋ, ଆମ୍ବ ଶାଳ, ଅଳାବୋଳ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଯୋଗ ଦେଇ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସାଧାରଣ ଲୋକମାନଙ୍କୁ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ନୀଳମଣି ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଜୟ କୁମାର କୁଅଁର, ଅଭିରାମ ମହାନ୍ତି, ରଶ୍ମିରଞ୍ଜନ ରାଉଳ, ଧ୍ରୁବ ଚରଣ ସାହୁ, ଗଣେଶ୍ୱର ତାରେଣିଆ, ପ୍ରମୋଦ ବାରିକ, ପ୍ରମୋଦ ଦାସ, ଶ୍ୟାମସୁନ୍ଦର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ୨୩ତମ ଆମନ୍ତ୍ରଣୀୟ ଗଲ୍ ପ୍ରତିଯୋଗିତା




ପାରାଦୀପ, ୪।୨ ( ସମିସ): ପାରାଦୀପ ବନ୍ଦର ସ୍ପୋର୍ଟସ କାଉନସିଲ ଓ ପାରାଦୀପ ଗଲ୍ କ୍ଲବ ମିଳିତ ଆନୁକୂଲ୍ୟରେ ପାରାଦୀପ ଗଲ୍ ପଡ଼ିଆରେ ୨୩ ତମ ଆମନ୍ତ୍ରଣୀୟ ଗଲ୍ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଯାଇଛି। ସକାଳେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ଦିଲ୍ଲୀ, ନଇଭେଲି, ଭୁବନେଶ୍ୱର, ତାଳଚେର, ରାଞ୍ଚି, ଛତିଶଗଡ଼ ଓ ପାରାଦୀପ ଗଲ୍ କ୍ଲବର ୭୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ପାରାଦୀପ ଗଲ୍ କ୍ଲବର ସ୍ମରଣିକା ଉନ୍ମୋଚନ କରିଥିଲେ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଗଲ୍ କ୍ଲବର ଭୁବନେଶ୍ୱର ଓରାନ ଚାମ୍ପିଅନ ହୋଇଥିଲେ। ବେଷ୍ଟ ଗ୍ରସରେ ଛତିଶଗଡ଼ର ପ୍ରଦୀପ ବାରିକ ଚାମ୍ପିଅନ ଓ ପାରାଦୀପ ଗଲ୍ କ୍ଲବର ଅକ୍ଷୟ ସୂତାର ରନର୍ସଅପ୍ ହୋଇଥିଲେ। ହ୍ୟାଣ୍ଡିକେପ ୧୧-୧୮ ବର୍ଗରେ ପାରାଦୀପ ଗଲ୍ କ୍ଲବର ହରିହର ଦାସ ଓ ଏମସି ଏଲର ସିଦ୍ଧାନ୍ତ ଭୋଇ ରନର୍ସଅପ୍ ହୋଇଥିବାବେଳେ ହ୍ୟାଣ୍ଡିକେପ ୨୯-୨୪ ବର୍ଗରେ ଭୁବନେଶ୍ୱର ଗଲ୍ କ୍ଲବର ଡକ୍ଟର ଦେବଦତ୍ତ ରଥ ଓ ଡକ୍ଟର ସୁଶାନ୍ତ ସାହୁ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଥିଲେ। ମହିଳା ପଙ୍ଗିରେ ପାରାଦୀପ ଗଲ୍ କ୍ଲବର ସରସ୍ୱତୀ ମହାରଣା ଓ ରୀତା ସିକଦାର ଚାମ୍ପିଅନ ଓ ରନର୍ସଅପ୍ ହୋଇଥିଲେ। ମହିଳା ବର୍ଗରେ ଭୁବନେଶ୍ୱରର ରାଜଶ୍ରୀ ଛୋଟରାୟ ଓ ଲଖୀ ସ୍ୱାଇଁ ଚାମ୍ପିଅନ ଓ ରନର୍ସଅପ୍ ହୋଇଥିଲେ।

ସେହିପରି ପିଲାଙ୍କ ବର୍ଗରେ ଭୁବନେଶ୍ୱରର ଦିତ୍ୟା ମିଶ୍ର ଚାମ୍ପିଅନ ହୋଇଥିବାବେଳେ ପାରାଦୀପର ଜ୍ୟୋତିର୍ମୟୀ ମହନ୍ତ ରନର୍ସଅପ୍ ହୋଇଥିଲେ। ସଫଳ ପ୍ରତିଯୋଗୀ ବନ୍ଦର ଅଧ୍ୟକ୍ଷଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏ ଅବସରରେ ବନ୍ଦର ଅଧ୍ୟକ୍ଷ ପାରାଦୀପ ଗଲ୍ କ୍ଲବକୁ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପାରାଦୀପ ଗଲ୍ କ୍ଲବ ସଭାପତି ଡିଏନ୍ ସୋନ୍ଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ବାବୁଲ ସିକଦର୍ ପରିଚାଳନା କରିଥିବାବେଳେ ଗୋପବନ୍ଧୁ କ୍ରୀଡ଼ା ସଂସଦ ସମ୍ପାଦକ ରଶ୍ମୀ ବେଉରା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ପିପିଲି ଚାମ୍ପିଅନ

ତିର୍ତ୍ତୋଲ, ୪।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସୀରା ଗ୍ରାମ କ୍ରିକେଟ ପଡ଼ିଆରେ ବାବା ଆଖଣ୍ଡଳମଣି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପିପିଲି ହିନ୍ଦ ସ୍ପୋର୍ଟିଂ




୭ ୱିକେଟରେ ଜଗତସିଂହପୁର ବ୍ରଦରସ ଇଲେଭେନକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ବ୍ରଦରସ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୭ଓଭରରେ ୮୫ ରନ ସଂଗ୍ରହ କରିଥିଲା। ଜବାବରେ ପିପିଲି ହିନ୍ଦ ସ୍ପୋର୍ଟିଂ ୩ ୱିକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦ୍‌ଯାପନ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ସମାଜସେବୀ ନରହରି ମିଶ୍ର, ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସମାଜସେବୀ ବିବେକାନନ୍ଦ ହୋତା, ଅଧ୍ୟାପକ ଅଜିତ କୁମାର ସ୍ୱାଇଁ, ସଙ୍ଗଠକ ଉମାକାନ୍ତ ସ୍ୱାଇଁ, ବିକ୍ରମ ସାହୁ ପ୍ରମୁଖ ଯୋଗଦେଇ ପୁରସ୍କାର ଅର୍ଥ ରାଶି ସହ ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ଓ ପରାଜିତ ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ରଶ୍ମିରଞ୍ଜନ ମିଶ୍ର, ଲିଙ୍ଗରାଜ ନାୟକ, ରାକେଶ ମଣ୍ଡଳ, ଶ୍ରୀନିବାସ, ପାଇଲଟ, ମନୋଜ, ହୃଦନ, ରନି, ବନି, ଜଗନ, ପୁପୁନା, ଲିକୁ, ତୁତୁନ, ସାଇ, ପାପୁନ, ଚଇତା ପ୍ରମୁଖ ପରିଚାଳନା କରିଥିଲେ।

# ବାୟା ଅବଧୂତ କଲେଜରେ ବାଳିକା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ତିର୍ତ୍ତୋଲ, ୪।୨(ସମିସ) ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାୟା ଅବଧୂତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କନିମୂଳରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ବାଳିକା ଆତ୍ମସୁରକ୍ଷା ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୮ ଦିନ ଧରି ଏହି ଶିବିରରେ ୬୭ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଫକିର ଚରଣ ବାରିକ ଏହି ଶିବିରକୁ ପରିଚାଳନା କରିଥିଲେ। ମାଷ୍ଟର ଛାତ୍ରୀମାନେ ଏହାକୁ ପ୍ରତିଦିନ ଅଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ବିଭୂସେନ ପତି, ରସାୟନ ବିଜ୍ଞାନର ପ୍ରଶିକ୍ଷକ ରମାକାନ୍ତ ଲେଙ୍କା ପ୍ରମୁଖ ନାରୀ ମାନଙ୍କୁ ସଶକ୍ତ କରିବାରେ ଆତ୍ମସୁରକ୍ଷା ବ୍ୟବସ୍ଥା



ଟ୍ରେନର ପ୍ରିୟଙ୍କା ନାୟକ ଓ ପ୍ରତ୍ୟୁଷା ଭୋଳ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କଳା ଓ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁଶାନ୍ତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରି ଓଡ଼ିଶା ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ବାଳିକା ଆତ୍ମସୁରକ୍ଷା ଶିବିରରେ ତାଲିମ ନେଇଥିବା ଗୁରୁତପୂର୍ଣ୍ଣ ଅଟେ ବୋଲି କହିଥିଲେ। ଏହି ଅବସରରେ ସମସ୍ତ ତାଲିମଧାରୀ ଛାତ୍ରୀ ମାନଙ୍କୁ ତାଲିମରେ ସଫଳତାର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଡିଇଓ ଶାନ୍ତନୁ ଜେନା ଓ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ପ୍ରୟୋଗଶାଳା ପ୍ରଶିକ୍ଷକ ବିକାଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡେରାବିଶ, ୪।୨(ସମିସ): ଦାନପୁର ବିଦ୍ୟୁତ୍ ସେକ୍ସନରେ କାର୍ଯ୍ୟରତ ଲାଇନ୍‌ମ୍ୟାନ ରତ୍ନାକର ଲେଙ୍କାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଦାନପୁର ସେକ୍ସନର ଆସିଷ୍ଟାଣ୍ଟ ମ୍ୟାନେଜର ଇଂ କମଳାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜୁନିୟର ମ୍ୟାନେଜର (କମର୍ସ) କମଳଲୋଚନ ଲେଙ୍କା, ମେଣ୍ଟେନାନ୍ସ ସୁପରଭାଇଜର ଚିନ୍ମୟ ସାହୁ, କଷ୍ଟମ କେୟାର ଶୁଭେନ୍ଦୁ ସ୍ୱାଇଁ, ଲାଇନମ୍ୟାନ୍-ଏ ମୃତ୍ୟୁଞ୍ଜୟ ପଣ୍ଡା ଉପସ୍ଥିତ ରହି ଶ୍ରୀ ଲେଙ୍କାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# କନିକାର ଗୌରବ ବଢ଼ାଇଲେ ସ୍ମୃତିରେଖା



ରାଜକନିକା, ୪।୨(ସମିସ): ରାଜକନିକାର ହାଟସାହି ଗାଁରେ ଜନ୍ମିତ ସ୍ମୃତିରେଖା ନାୟକ ରାଜ୍ୟସ୍ତରର ଶ୍ରେଷ୍ଠ ୧୦ଟି ବ୍ଲକ ମଧ୍ୟରେ ଶ୍ରେଷ୍ଠ ବ୍ଲକ ଶିକ୍ଷାଧିକାରୀ ଭାବରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ରାଜକନିକାକୁ ଗୌରବାନ୍ୱିତ କରିଛନ୍ତି। ଗତ ୧ ତାରିଖ ଦିନ କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ରାଜ୍ୟସ୍ତରର ଉତ୍ସବରେ ଡ଼କ୍ଟର ସ୍ମୃତିରେଖା ନାୟକ ଏହି କୃତିତ୍ୱର ଅଧିକାରୀ ହୋଇଥିବାରୁ ତାଙ୍କର ଜନ୍ମମାଟି ହାଟସାହି ଏବଂ ସେ ପଢୁଥିବା ହାଟସାହି ହାଇସ୍କୁଲରେ ବିଶେଷ ଖୁସି ପ୍ରକାଶ ପାଇଛି। ଯାଜପୁର ଜିଲ୍ଲାର ଯାଜପୁର ଶିକ୍ଷା ମଣ୍ଡଳ ଅଧିକାରିଣୀ ଥିବା ସ୍ମୃତିରେଖା ପ୍ରଥମେ ଭାବେ ଭାମଣ୍ଡାର ନୃସିଂହନାଥ ହାଇସ୍କୁଲରେ ଶିକ୍ଷକତା କରିଥିବା ପରେ ୨୦୧୫ ମସିହାରେ ଓଇଏସ ପାଇ ବିଇଓ ଭାବେ ଯୋଗ ଦେଇଥିଲେ। ଯାଜପୁର ଧର୍ମଶାଳା ବ୍ଲକର ମୋହନପୁର ଗାଁର ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଥିବା ସତ୍ୟବ୍ରତ ସାମଲଙ୍କ ସହଧର୍ମିଣୀ ସ୍ମୃତିରେଖା ଏହି ସମ୍ମାନ ପାଇବା ପରେ ରାଜକନିକାରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ହାଟସାହି ଗାଁର ବାପା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଧିକାରୀ ନାୟକ ଓ ମା ହେମଲତା ନାୟକଙ୍କ ଏକମାତ୍ର ଝିଅ ଭାବରେ ସ୍ମୃତିରେଖା ଏହି ପୁରସ୍କାର ପାଇ ଅଞ୍ଚଳକୁ ଧନ୍ୟ କରିଦେଇଛନ୍ତି।

# ପାଟକୁରା ବିଧାୟିକାଙ୍କ ଦ୍ୱାରା ମାରାଥନ୍ ଶିଳାନ୍ୟାସ

ଡେରାବିଶ, ୪।୨(ସମିସ): ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ଆଜି ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧ କୋଟି ୭୫ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ହେବାକୁ ଥିବା ଚଣ୍ଡିବଜାର-ବଡ଼ଫୋଗଲ ରାସ୍ତା, କଟିକଟା ବଜାରରୁ ସଲାର ମଠ ପର୍ଯ୍ୟନ୍ତ ୪ କୋଟି ୧୦ ଲକ୍ଷ ୪୭ ହଜାର ଟଙ୍କା ବ୍ୟୟ ଅଟକଳରେ ୫ କିଲୋମିଟର ୨୦୦ ମିଟର ରାସ୍ତା ଓ କାବିଲପୁର କେନାଲ୍ ବନ୍ଧଠାରୁ କେରିଲୋ ସାଇ ମନ୍ଦିର ପର୍ଯ୍ୟନ୍ତ ୫ କିଲୋମିଟର ୧୫୯ ମିଟର ରାସ୍ତା ୩ କୋଟି ୮୭ ଲକ୍ଷ ୬୭ ହାଜର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ପାଇଁ ତିନୋଟି ପ୍ରକଳ୍ପର ବିଧାୟିକା ଶ୍ରୀମତୀ ଅଗ୍ରୱାଲ ଶିଳାନ୍ୟାସ କରିଥିଲେ। ସେହିପରି ଗ୍ରାମ୍ୟ ପାନୀୟ ଜଳଯୋଗାଣ ପକ୍ଷରୁ ଚାନ୍ଦୋଳ ପଞ୍ଚାୟତ ଚାନ୍ଦୋଳଠାରେ ୯୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦେଢଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭର ହେଡ ପାଣିଟାଙ୍କି, ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳାଠାରେ ୮୫.୭୬ ଲକ୍ଷ ଟଙ୍କା ବ୍ୟୟରେ ୫୦ ହଜାର ଲିଟର ବିଶିଷ୍ଟ ଓଭର ହେଡ୍ ପାଣିଟାଙ୍କି ଓ ଯଅରାବାରିମୂଳ ପଞ୍ଚାୟତ ଯଅଁରାବାରିମୂଳଠାରେ ୯୦ ଲକ୍ଷ ଟଙ୍କ ବ୍ୟୟରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ନବନିର୍ମିତ ଓଭରହେଡ୍ ଟାଙ୍କିର ଉଦ୍‌ଘାଟନ ବିଧାୟିକା ଶ୍ରୀମତୀ ଅଗ୍ରୱାଲ କରିଥିଲେ। ପ୍ରତ୍ୟେକ କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଧନେଶ୍ୱର ସେଠୀ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ



ତୃପ୍ତିମୟୀ କର, ଦେବରାଜ ମହାପାତ୍ର, ମନୀନ୍ଦ୍ର ପ୍ରସାଦ ରଥ, ଯୋଗାନନ୍ଦ ମହାନ୍ତି, ରଜତ ବଳ, କୈଳାସ ପରିଡ଼ା, ପଲେଇ ସରପଞ୍ଚ ଅକ୍ଷୟ ସାହୁ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ଚାନ୍ଦୋଳ ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ପ୍ରମୋଦ ଭଦ୍ର, ଖମୋଳ ସମିତିସଭ୍ୟ ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏ ଉପଲକ୍ଷେ କଟକ-ଚନ୍ଦବାଲି ରାସ୍ତାର ଖମୋଳ ଛକ ନିକଟରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବିଧାୟିକା ଶ୍ରୀମତୀ ଅଗ୍ରୱାଲାଙ୍କୁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସ୍ଥଳୀକୁ କର୍ମୀମାନେ ପାଛୋଟି ନେଇଥିଲେ। ଶୋଭାଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ମହିଳାମାନେ ବିଧାୟିକାଙ୍କୁ ବନ୍ଦାପନା କରିବା ସହ ଶଙ୍ଖ ହୁଳହୁଳି ଧ୍ୱନିରେ ସ୍ୱାଗତ ଜଣାଇଥିଲେ। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସଦର ଥାନା ଏସ୍‌ଆଇ ପ୍ରତାପ ଚନ୍ଦ୍ର ରଥ, ଏଏସଆଇ ଗୋବିନ୍ଦ ଚନ୍ଦ୍ର ଦଳାଇଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ଉପସ୍ଥିତ ଥିଲେ।

# କମରେଇ ପଞ୍ଚାୟତ ହାଲଚାଲ

ତାଲଚେର ସହର (ଦୁର୍ଗା ପ୍ରସାଦ ସ୍ୱାଇଁ)

ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ କମରେଇ ପଞ୍ଚାୟତ। ସରପଞ୍ଚ ସୁବାସିନୀ ବେହେରା। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ପ୍ରଧାନ। ପଞ୍ଚାୟତ ଅଧିନରେ ରହିଛି ମୋଟ ୯ ଟି ଗ୍ରାମ। ୯ ଟି ଗ୍ରାମରେ ରହିଛନ୍ତି ମୋଟ ୫୧୭ ୯




ଜଣ ଭୋଟର। ଭାଗିରଥି ପୁରରେ ୨୭, ଦଣ୍ଡସିଂହାରେ ୧୧୮ ୭, ଦେହୁରୀଭୂଇଁରେ ୧୨୭, ଗଣ୍ଡବେରେଣାରେ ୪୯୨, ଜୁଲିବନ୍ଧରେ ୨୧୪, କମରେଇରେ ୯୦୪, ନକନକାରେ ୩୮ ୨, ତେଲିସିଙ୍ଗାରେ ୧୪୯୦ ଏବଂ ଟେଣ୍ଟେଇବେରେଣୀ ଗ୍ରାମରେ ୩୫୬ ଜଣ ଭୋଟର ରହିଛନ୍ତି। ୨୦୨୨ ମସିହା ଫେବୃଆରୀ ମାସରେ ପଞ୍ଚାୟତ ନିର୍ବାଚନ ହୋଇଥିବା ବେଳେ, ଅଧିକ ଭୋଟରେ ବିଜୟ ଲାଭ କରି ସୁବାସିନୀ ବେହେରା ସରପଞ୍ଚ ଭାବେ ଚୟନ ହୋଇଥିଲେ। ମାର୍ଚ୍ଚ ମାସ ୧୦ ତାରିଖରେ କମରେଇ ପଞ୍ଚାୟତର ଦାୟିତ୍? ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବାର ପାଖାପାଖି ୨ ବର୍ଷ ଭିତରେ ପଞ୍ଚାୟତରେ ବାକି ରହିଥିବା ଅନେକ ଗୁଡ଼ିଏ କାର୍ଯ୍ୟ ମଧ୍ୟରୁ କିଛି କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଉ କିଛି ବାକି ରହିଯାଇଛି। ଯାହା କିଛି ଉନ୍ନୟନ କାର୍ଯ୍ୟ ବାକି ରହିଛି ତାକୁ ଆଗାମୀ ଦିନରେ ସାଧିତ କରିବା ପାଇଁ ଚେଷ୍ଟା କରିବେ ବୋଲି ସୁବାସିନୀ ତାଙ୍କ ମନ୍ତବ୍ୟରେ କହିଛନ୍ତି। ସରପଞ୍ଚ ହେବା ପରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଉନ୍ନତି କରିଥିଲେ। ସରପଞ୍ଚଙ୍କ ସୂଚନା ଅନୁଯାୟୀ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚଟାଣ, ଟାଇଲ, ରଙ୍ଗ କାମ, ଇଲେକ୍ଟ୍ରି ମେଣ୍ଟେନାନ୍ସ କାର୍ଯ୍ୟ, ଗୋଦାମ ଘର ମରାମତି କାମ, ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଆଦି ସ୍ଥାପନ କାର୍ଯ୍ୟ କରିଥିଲେ। କମରେଇ ଶ୍ମଶାନ ଘାଟକୁ ରାସ୍ତା ନଥିଲା, ପ୍ରଥମ ପର୍ଯ୍ୟାୟରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସେଠାକୁ ମାଟି ରାସ୍ତା ହୋଇଛି। ପରବର୍ତ୍ତୀ ସମୟରେ ମୋରମ ରାସ୍ତା କରାଯିବା ନେଇ ପ୍ରସ୍ତାବ ଦିଆଯାଇଛି। ପରେ ଦଣ୍ଡସିଂହା ଶ୍ମଶାନ ଘାଟକୁ ରାସ୍ତା ନଥିଲା କିମ୍ବା ଶ୍ମଶାନ ଘର ନଥିଲା। ଯେଉଁଥିପାଇଁ ଦଣ୍ଡସିଂହା ଗ୍ରାମବାସୀ ବର୍ଷା ଦିନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସରପଞ୍ଚ ଭାବେ ଦାୟତ୍ୱ ଗ୍ରହଣ କରିବା ପରେ ସୁବାସିନୀ ବେହେରାଙ୍କ ପ୍ରଚେଷ୍ଟାରେ ଏଠାକୁ ରାସ୍ତା ଏବଂ ଶ୍ମଶାନ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ତେଲିସିଙ୍ଗା ଠାରୁ ଗମ୍ଭାରୀଡିହ, ଗଣ୍ଡବେରେଣା ମଙ୍ଗଳା ମଣ୍ଡପ ଠାରୁ ଶାମୁକାବନ୍ଧ, ବାବାଜୀଟୁଙ୍ଗି ଠାରୁ କିମିରିଖାଇ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଦଣ୍ଡସିଂହା ପୁରୁଣା ସାହି ଏବଂ କମରେଇ ମନ୍ଦିରଛକ ଠାରୁ ମଝିସାହି ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍ ଲଗାଯାଇଛି। ପଞ୍ଚାୟତର ତିନି ପ୍ରମୁଖ ମନ୍ଦିର ଯେପରିକି ଦଣ୍ଡସିଂହା ଶିବ ମନ୍ଦିର ନୂତନ ଭାବେ ନିର୍ମିତ ହେଉଛି, ସେହିପରି କମରେଇ ଶିବ ମନ୍ଦିରର ନବୀକରଣ କରାଯାଉଛି ଏବଂ ଟେଟେଇବେରେଣୀ ସ୍ଥିତ ପଞ୍ଚଖଣ୍ଡା ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜୁଲିବନ୍ଧ ଛକ ଠାରୁ ବାଘପାଳ ପର୍ଯ୍ୟନ୍ତ ରାସ୍ତା ନଥିଲା, ଏବେ କିଛି ରାସ୍ତା କଂକ୍ରିଟ ଆଉ ବାକି ମୋରମ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତେଣୁ ପଞ୍ଚାୟତରେ ଅନେକ ବାକି ଥିବା କାର୍ଯ୍ୟ ସୂଚାରୁ ରୂପେ ଶେଷ ହୋଇଥିବା ବେଳେ ଆଉ ଯାହା ବାକି ରହିଛି ତାକୁ ଅତ୍ୟନ୍ତ ଶୀଘ୍ର ଶେଷ କରିବା ପାଇଁ ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି।

## ଅଚଳ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅନ୍ତର୍ଗତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅନୁଗୁଳ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମିତ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଏବେ ହୋଇପଡ଼ିଛି ଅଚଳ। ସମ୍ମୁଖରେ ଗଦା ହୋଇ ରହିଛି କୁଢ କୁଢ ଅଳିଆ। ପାଣି ପାଇପରେ ଲାଗିନାହିଁ ଟ୍ୟାପ୍। ପାଣି ଟାଙ୍କି ଥାଇ ପାଇପ କନେକ୍ସନ ଥାଇ ମଧ୍ୟ ପାଣି ପିଇବାକୁ ସକ୍ଷମ ପାଉନାହାଁନ୍ତି ପଞ୍ଚାୟତବାସୀ। ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ରକଳ୍ପ ଏବେ ଲାଗୁନି ଲୋକଙ୍କ ସେବାରେ। ପାନୀୟ ଜଳ ପ୍ରକଳ୍ପଟି ପଞ୍ଚାୟତ କାର୍ଯ୍ୟାଳୟର ଠିକ୍ କଡକୁ ଲାଗି ଥିବାବେଳେ ଶୀଘ୍ର ସରପଞ୍ଚ ପ୍ରଚେଷ୍ଟା ପୂର୍ବକ ଏହାର ପ୍ରତିକାର କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଖୋଲୁନି ପଞ୍ଚାୟତର ଦୋକାନ ଗୃହ



କମରେଇ ପଞ୍ଚାୟତ କାର୍ଯ୍ୟାଳୟର କଡକୁ ଲାଗିଲି ଥିବା ଦୋକାନ ଗୃହ ଗୁଡ଼ିକ ପ୍ରଥମ ଦିନରୁ ଆଜି ପର୍ଯ୍ୟନ୍ତ ତାଲା ପଡ଼ି ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିଲା ଦୁଇ ବଖରା ବିଶିଷ୍ଟ ଦୋକାନ ଗୃହ। କିନ୍ତୁ ବଣ୍ଟନ ପ୍ରକ୍ରିୟାରେ ଅବ୍ୟବସ୍ଥା କାରଣରୁ ଆଜି ଯାଏଁ ଲୋକଙ୍କ କାର୍ଯ୍ୟରେ ଲାଗି ପାରୁନାହିଁ ଏହି ଗୃହ। ପଞ୍ଚାୟତ କାର୍ଯ୍ୟାଳୟ ଆଖପାଖରେ ଅଧିକ ଦୋକାନ ଗୃହ ନ ଥିବା ବେଳେ, ବ୍ୟବସାୟୀ ମାନେ ଦୋକାନ ଗୃହ ନେବା ପାଇଁ ଇଚ୍ଛୁକ। କିନ୍ତୁ କାହିଁକି ଆଜିଯାଏଁ ବଣ୍ଟନ କରାଯାଇ ନାହିଁ ତାହା ଚିନ୍ତାର ବିଷୟ।

## ୫୦ଲକ୍ଷର କଲ୍ୟାଣ ମଣ୍ଡପ ପାଲଟିଛି ଭୂତକୋଠି



ସୂଚନା ଅନୁଯାୟୀ କଲ୍ୟାଣ ମଣ୍ଡପ ଗୃହ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ବେଳେ, ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ରୋଷେଇ ଘର ନିର୍ମିତ ହୋଇଛି। ସେହିପରି ୬ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟ ଅଟକଳରେ ମଣ୍ଡପ ଚାରିପଟେ କଂକ୍ରିଟ ରାସ୍ତା ନିର୍ମାଣ ଏବଂ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଣ୍ଡପ ଚାରିପଟେ ପାଚେରୀ ଏବଂ ପ୍ରବେଶ ଗେଟ ନିର୍ମାଣ କରାଯାଇଛି। କିନ୍ତୁ ଏଯାବତ୍ କାହିଁକି ମଣ୍ଡପ ବନ୍ଦ ହୋଇ ପଡ଼ିରହିଛି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କଲ୍ୟାଣୀ ମଣ୍ଡପ ନିର୍ମାଣ ଦିନ ଠାରୁ ଆଜି ପର୍ଯ୍ୟନ୍ତ ସମୟ କାଳ ମଧ୍ୟରେ ଦୁଇ ଜଣ ସରପଞ୍ଚ ବଦଳି ହୋଇ ସାରିଛନ୍ତି। କଲ୍ୟାଣୀ ମଣ୍ଡପ ବର୍ତ୍ତମାନ ସମ୍ପୂର୍ଣ୍ଣ ହୋଇସାରିଥିବ ବେଳେ ଏହା କେବେ ଖୋଲା ଯିବ ଏନେଇ କଳ୍ପନାକଳ୍ପନା ଜାରି ରହିଛି।

## କେବେ ସୁଧୁରିବ କପିଳେଶ୍ୱର ମହାଦେବ ମନ୍ଦିରର ସ୍ଥିତି

କମରେଇ ଗ୍ରାମ ସ୍ଥିତ ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ମନ୍ଦିରକୁ ନାହିଁ ରାସ୍ତା। ମନ୍ଦିର ଚତୁଃପାର୍ଶ୍ୱରେ ନାହିଁ ପାଚେରୀ। ଗ୍ରାମବାସୀଙ୍କ ସହଯୋଗ ଏବଂ ପ୍ରଚେଷ୍ଟାରେ ମନ୍ଦିର ସମ୍ମୁଖ ପାଚେରୀ କାର୍ଯ୍ୟ ଶେଷ ହୋଇଥିବା ବେଳେ ବାକି ରହିଥିବା ମନ୍ଦିର ଚତୁଃପାର୍ଶ୍ୱରେ କେବେ ପାଚେରୀ ହେବ ସେନେଇ ଗ୍ରାମବାସୀ ଦାବି କରିଛନ୍ତି।



ମୁଖ୍ୟତଃ ମନ୍ଦିରକୁ ପକ୍କା ରାସ୍ତା ନଥିବାରୁ ଭକ୍ତ ମାନେ ଖାସ କରି ବର୍ଷା ଦିନେ ମନ୍ଦିର ଯିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଦର୍ଶାଇଛନ୍ତି। ମନ୍ଦିରରେ ବିଭିନ୍ନ ପର୍ବ ପର୍ବାଣୀରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। କିନ୍ତୁ ପ୍ରଶାସନର ମନ୍ଦିର ପ୍ରତି ଅଣଦେଖା ଭକ୍ତଙ୍କ ଭାବାବେଗ ଉପରେ ପ୍ରଭାବ ପକାଇଛି। କିଛି ଦିନ ତଳେ ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ଏହାକୁ ହୃଦୟଙ୍ଗମ କରି ମନ୍ଦିରର ନବୀକରଣ ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ସରପଞ୍ଚ ସୂଚନା ଦେଇଛନ୍ତି।

## ନିର୍ମାଣ ଦିନଠାରୁ ମିଶନ ଶକ୍ତି ଗୃହରେ ତାଲା



୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ପାଣ୍ଠିରୁ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ମିଶନ ଶକ୍ତି ଗୃହ ଏବଂ ଶୌଚାଳୟରେ ନିର୍ମାଣ ପରଠାରୁ ଝୁଲୁଛି ତାଲା। ସୂଚନା ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିଥିବା ଠିକାଦାରଙ୍କ ବକେୟା ଅର୍ଥରାଶି ପୈଠ ନହେବା କାରଣରୁ ଉକ୍ତ ଠିକାଦାର ଏହି ଘରକୁ ତାଲା ପକାଇ ରଖିଛନ୍ତି। ବିଭାଗ ପକ୍ଷରୁ ମିଶନ ଶକ୍ତି ଗୃହ ଏବଂ ଶୌଚାଳୟ ଅଲଗା ଅଲଗା ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ଚତୁରତା ପୂର୍ବକ ଠିକାଦାର ମିଶନ ଶକ୍ତି ଗୃହ ବାରଣ୍ଡାରେ ଶୌଚାଳୟ ନିର୍ମାଣ କରିଥିଲେ। ତଦନ୍ତ ଅଧିକାରୀ ତଦନ୍ତ କରି ଭୁଲ ପ୍ରକ୍ରିୟାରେ ନିର୍ମାଣ ହୋଇଥିବା ନେଇ ଦର୍ଶାଇ ନିର୍ମାଣ ଟଙ୍କାକୁ ଠିକାଦାରଙ୍କୁ ପୈଠ କରିନଥିଲେ। ତେଣୁ ନିର୍ମାଣ ପରଠାରୁ ଆଜି ଯାଏଁ ଏହି ଗୃହ ବନ୍ଦ ରହିଥିବା ଗ୍ରାମବାସୀ ମତ ଦିଅନ୍ତି। ମିଶନ ଶକ୍ତି ମହିଳା ମାନେ ଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ମଦୁଆଙ୍କ ଆଡ୍ଡାସ୍ଥଳୀ



ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡ଼ିକରୁ ନିର୍ଗତ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନିମନ୍ତେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟଅଟକଳରେ ପ୍ରତି ପଞ୍ଚାୟତରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଛି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଏହାର ସଠିକ୍ ପରିଚାଳନା କରିବାରେ ଅକ୍ଷମ ହେଉଥିବାରୁ ଏହା ଏବେ ପାଲଟିଛି ମଦୁଆ ମାନଙ୍କ ଆଡ୍ଡାସ୍ଥଳୀ। କମରେଇ ପଞ୍ଚାୟତରେ କମରେଇ ଗ୍ରାମର ଖେଳ ପଡ଼ିଆ ଠାରେ ନିର୍ମିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଏହାର ଉଦାହରଣ। ସଠିକ୍ ପରିଚାଳନା ଅଭାବରୁ ଏହା ଜନ ସାଧାରଣଙ୍କ ସେବାରେ ଆସିପାରୁନାହିଁ। ସନ୍ଧ୍ୟା ହେଲେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଏହି ସ୍ଥାନ। ଯାହା ଫଳରେ ଏହି ରାସ୍ତା ଦେଇ ସାଧାରଣ ଲୋକଙ୍କ ଯିବା ଆସିବା ପ୍ରତି ବିପଦ ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀ ଏବଂ ସରପଞ୍ଚ ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ଦିଅତଇଳା ସାହିକୁ ନାହିଁ ପକ୍କା ରାସ୍ତା



କମରେଇ ଗ୍ରାମ ଠାରୁ ଦିଅତଇଳା ସାହି ପର୍ଯ୍ୟନ୍ତ ଥିବା ମାଟି ରାସ୍ତା ଏବେ ଦିଅତଇଳା ସାହି ବାସୀଙ୍କ ପାଇଁ ପାଲଟିଛି ସମସ୍ୟାର ମୁଖ୍ୟ କାରଣ। ପକ୍କା ରାସ୍ତା ନ ଥିବାରୁ ବର୍ଷା ଦିନେ ସ୍ଥାନୀୟ ବାସିନ୍ଦାଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତା ମଝିରେ ଆଣ୍ଠୁଏ ଆଣ୍ଠୁଏ ଖାଲ ସୃଷ୍ଟି ହେଉଛି। ପଞ୍ଚାୟତ ନିକଟରେ ଏନଟିପିସି, ଜେଆଇଟିପିଏଲ୍ ଏବଂ ଏମସିଏଲ ଭଳି ବୃହତ୍ କମ୍ପାନୀ ମାନ ଥିବା ବେଳେ ସିଏସଆର ପାଣ୍ଠିର ସଠିକ୍ ବିନିଯୋଗ ହେଉନଥିବାରୁ ନିକଟସ୍ଥ ଗ୍ରାମବାସୀଙ୍କୁ ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

## ଅଧାରେ ଅଟକିଛି ୫୦ କୋଟି ଟଙ୍କାର ଉଚ୍ଚ କ୍ଷମତା ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ



କମରେଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ କଲ୍ୟାଣୀ ମଣ୍ଡପ ପଛ ପାଖରେ ଅର୍ଦ୍ଧ ନିର୍ମିତ ହୋଇ ପଡ଼ି ରହିଛି ପ୍ରାୟ ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଉଚ୍ଚ କ୍ଷମତା ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ। ଏହି ଟାଙ୍କିରୁ କମରେଇ ପଞ୍ଚାୟତ ସହ ଆଖ ପାଖ ପଞ୍ଚାୟତର ଗ୍ରାମଗୁଡିକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଥିଲା। ଏନଟିପିସି ଏବଂ ଏମସିଏଲ ସିଏସଆର ଫଣ୍ଡ ବିନିଯୋଗରେ ଏହାର ନିର୍ମାଣ ହେବା ନେଇ ଯୋଜନା ଥିଲା। ଏଲ ଆଣ୍ଡ ଟି କମ୍ପାନୀ ଏହାର ନିର୍ମାଣ ଦାୟିତ୍ୱ ନେଇଥିବା ଗ୍ରାମବାସୀ ସୂଚନା ଦିଅନ୍ତି। କିନ୍ତୁ କାହିଁକି ଏ ପ୍ରକଳ୍ପ ଏଯାବତ୍ ଅଧାରେ ପଡ଼ି ରହିଛି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ତଦନ୍ତ କରାଯିବା ନେଇ ଦାବି ଯୋର ଧରିଛି।

## ଟାଙ୍କି ଥାଇ ମଧ୍ୟ ମିଳୁନି ପାଣି



କମରେଇ ଗ୍ରାମ ଖେଳ ପଡ଼ିଆ ଠାରେ ଥିବା ଓଭର ହେଡ ଟାଙ୍କିରୁ କମରେଇ ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉଛି। କିନ୍ତୁ ଓଭର ହେଡ ଟାଙ୍କି ଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ଦିଅତଇଳା ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ପାଣି ପାଇପ ପଡ଼ିନାହିଁ କିମ୍ବା ପାନୀୟ ଜଳ ଯୋଗାଣ ହେଉନାହିଁ। ଯେଉଁଥିପାଇଁ ସେଠାକାର ଲୋକ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଖଣି କ୍ଷତିଗ୍ରସ୍ତ ପ୍ରଜାଙ୍କ ସମାଧାନୀ ବୈଠକ





ତାଳଚେରସଦର, ୪।୨(ସମିସ): ଆଜି ତାଳଚେର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଧାୟକ ବ୍ରଜକିଶୋର ପ୍ରଧାନ ତାଳଚେର ଓ କଣିହାଁ ଅଞ୍ଚଳର କୋଇଲା ଖଣି କ୍ଷେତ୍ରର ମହାପ୍ରବନ୍ଧକଙ୍କ ଉପସ୍ଥିତିରେ ଦୁଇଦଫା ଦାବିନେଇ ଏକ ସମାଧାନୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସିଏଚପି, ସାଇଲୋ ଓ ୱାସେରୀରେ କାର୍ଯ୍ୟରତ ଥିବା ଠିକାଶ୍ରମିକମାନଙ୍କୁ ଏଚପିସି ହାରରେ ଦରମା ପ୍ରଦାନ, ଲିଙ୍ଗରାଜ କ୍ଷେତ୍ରରେ ଥିବା ଦେଉଳବେଢ଼ା ୧ନମ୍ବର ସାଇଡିଙ୍ଗ ଗତ ୩ମାସ ହେବ ବିଭିନ୍ନ କାରଣରୁ କାର୍ଯ୍ୟ ବନ୍ଦ ଥିବାକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଆସନ୍ତା ୨ଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରି କାର୍ଯ୍ୟ ଆରମ୍ଭ କରିବାକୁ ତାଳଚେର ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ସିଏଚପି, ସାଇଲୋ ୱାସେରୀକୁ ଛାଡି ଅନ୍ୟାନ୍ୟ ସଂସ୍ଥାରେ ଥିବା ଠିକାକର୍ମଚାରୀଙ୍କୁ ୧୫ଦିନ ମଧ୍ୟରେ ଏଚପିସି ହାରରେ ଦରମା ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଥିବା ଜଣାପଡ଼ିଛି।

# ଶ୍ରମିକ ନେତା ରାଧାଗୋବିନ୍ଦ ମହାନ୍ତିଙ୍କ ପରଲୋକ

ତାଳଚେର ସଦର, ୪।୨(ସମିସ): ତାଳଚେର ହିଙ୍ଗୁଳା ଖଣିର ଓ ଓସିଏମଏସ୍ (ଆଇଏନଟିୟୁସି)ର ସମ୍ପାଦକ ତଥା ଏମସିଏଲ କମ୍ପାନୀ ସ୍ତରରେ ସେଫ୍ଟି ମେମ୍ବର ରାଧାଗୋବିନ୍ଦ ମହାନ୍ତିଙ୍କ (୫୩) ବର୍ଷରେ ତଙ୍କର ପରଲୋକ ଘଟିଛି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେ କଟକରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଥିଲେ। ପରଲୋକ ଖବର ପ୍ରଚାରିତ ହେବାପରେ ଖଣି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସେ ଦୀର୍ଘ ବର୍ଷ ହେବ ହିଙ୍ଗୁଳା ଖଣିରେ କାର୍ଯ୍ୟ ତୁଲାଇ ଶ୍ରମିକଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କ ମୃତ ଶରିରକୁ ପ୍ରଥମେ ହିଙ୍ଗୁଳାଖଣିର ଆଇଏନଟିୟୁସି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମନୋଜ ପ୍ରଧାନ, ମଧୁସୁଦନ ସାହୁ, ଦୀପକ ସାମଲ, ହରେଶ ବେହେରା, ଅଜିତ୍ ସାହୁ



ବସନ୍ତ ପ୍ରଧାନ, ବିଏମଏସର ପ୍ରଭାରୀ ଅରୁଣ ପ୍ରଧାନ, ଏଚଏମଏସର ସମ୍ପାଦକ ଅଭୟ ଗଡ଼ନାୟକ, ଏଆଇଟିୟୁସିର ସମ୍ପାଦକ ବୃନ୍ଦାବନ ଲେଙ୍କା, ହିଙ୍ଗୁଳା ପ୍ରକଳ୍ପ ଅଧିକାରୀ ସୁନିଲ ଯୋଶୀ, ଖଣି ପରିଚାଳକ ଶଶି ପ୍ରସାଦ, ସୁରକ୍ଷା ଅଧିକାରୀ ଜମାକର ନାଏକଙ୍କ ସମେତ ବହୁମାନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବିଧାୟକ ବ୍ରଜକିଶୋର ପ୍ରଧାନ, ଓସିସିଏମଏସ୍ ସାଧାରଣ ସମ୍ପାଦକ ସୌଭଗ୍ୟ ପ୍ରଧାନ, ବିନୟ ସାହୁ, ଆଇଜି ପାତ୍ରୀ, ବିଜୟ କୁମାର ଦାସ, ବିନୋଦ ସାହୁ, ଲଲାଟେନ୍ଦୁ ଗଡ଼ାୟକ, ଅନିଲ ସାହୁ ଓ ଏଚଏମଏସର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ବେହେରା, ବିଏମଏସ ସୁଦର୍ଶନ ସାହୁଙ୍କ ସମେତ ବହୁ ଶ୍ରମିକନେତା ଶେଷ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ତାଙ୍କ ମରମଶରୀରକୁ ଏକ ପଟ୍ଟୁଆରରେ ନେଇ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ନିଆଯାଇ ଶେଷକୃତ କରାଯାଇଥିଲା।

# କୁଶଳେଶ୍ୱର ମହାଦେବଙ୍କ ନୂତନ ମନ୍ଦିରର ଶିଳାନ୍ୟାସ

ତାଳଚେର ସଦର, ୪।୨(ସମିସ): ରବିବାର ସକାଳେ ୪୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଧରମପୁର ଗ୍ରାମର ବହୁ ପୁରାତନ ଶ୍ରୀ ଶ୍ରୀ ବାବା କୁଶଳେଶ୍ୱରଙ୍କ ନୂତନ ଭବ୍ୟ ମନ୍ଦିର ନିର୍ମାଣର କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଉତ୍ସବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଧରମପୁର ସରପଞ୍ଚ, ବ୍ଲକ ଅଧ୍ୟକ୍ଷା, ଅଞ୍ଚଳବାସୀଙ୍କ ସହିତ ନାମ ସଂକୀର୍ତ୍ତନ ସହିତ ଭବ୍ୟ ପରିବେଶ ଭିତରେ କୁଶଳେଶ୍ୱର୍ ମହାଦେବଙ୍କ ଭବ୍ୟ ମନ୍ଦିର ନିର୍ମାଣ ଶିଳାନ୍ୟାସ ହୋଇଯାଇଛି। ତାଳଚେରର ସମସ୍ତ ଜୋନର ଜିଲ୍ଲା ପରିଷଦ, ସମସ୍ତ କାଉନସିଲର, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ପଞ୍ଚାୟତ ସଭାପତି, ସମ୍ପାଦକ, ତାଳଚେର ନିର୍ବାଚନ ମଣ୍ଡଳୀ ଓ ଆଖପାଖ ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁଙ୍କ ଆଗମନରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ଭକ୍ତ ମାନଙ୍କ ପାଇଁ ପ୍ରାସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ, କର୍ମକର୍ତ୍ତା ଚୟନ

ଆଠମଲ୍ଲିକ, ୪।୨(ସମିସ): ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ମିଟିଙ୍ଗ ହଲ୍‌ରେ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିରେନ୍ଦ୍ର କୁମାର୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଉପଦେଷ୍ଟା ନନ୍ଦ କିଶୋର ମହାକୁଡ଼, ଉପଦେଷ୍ଟା ରବୀନ୍ଦ୍ର ପ୍ରଧାନ, ଉପସଭାପତି ପୀତାମ୍ବର ବିଶ୍ୱାଳ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋକପାତ କରିବା ସହିତ ସମାଜରେ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନର ସହିତ ରହିବାକୁ ଦିଆଯାଉ ବୋଲି କହିଥିଲେ। ସଭାପତି ବିରେନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉକ୍ତ ନିର୍ବାଚନରେ ପୀତାମ୍ବର ବିଶ୍ୱାଳ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବରେ ଜାଗେଶ୍ୱର୍ ମିଶ୍ର, ସମ୍ପାଦକ ଭାବରେ ବିଦ୍ୟାଧର ବାହୁକ, ଯୁଗ୍ମ ସମ୍ପାଦକ ଭାବରେ ମଧୁସୂଦନ ନାଏକ, ଉପଦେଷ୍ଟା ଭାବରେ, ଦେବେନ୍ଦ୍ର ପ୍ରଧାନ, ମନୋଜ କୁମାର୍ ମିଶ୍ର, ବିରେନ୍ଦ୍ର କୁମାର ମିଶ୍ର, କାର୍ଯ୍ୟକାରୀ ସଭ୍ୟ ଭାବରେ ଦେବାର୍ଚ୍ଚନ ରାଉଳ, ଘାସିନାଥ ବିଶ୍ୱାଳ, ଶ୍ରୀନିବାସ ମିଶ୍ର, ରାମାନନ୍ଦ ପାଣିଗ୍ରାହି, ରାଜକିଶୋର ତ୍ରିପାଠୀ ମୋହନ ସ୍ୱାଇଁ, ପ୍ରମୁଖ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ। ରବୀନ୍ଦ୍ର ପ୍ରଧାନ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ନୂତନ କର୍ମକର୍ତ୍ତାଙ୍କୁ ଫୁଲ ମାଳ ଦେଇ ସ୍ୱାଗତ କରାଯାଇଥିଲା। ଶେଷରେ ଯୁଗ୍ମ ସମ୍ପାଦକ ମଧୁସୂଦନ ନାଏକ ଧନ୍ୟବାଦ୍ ଦେଇଥିଲେ।



